ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK | पर्यवेक्षक

Vol.26 . No.162 Bhubaneswar Thursday August 03 2023 | ୨୬ତମ ବର୍ଷ ସଂଖ୍ୟା-୧୬୨ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹.50 | (Air Surcharge - 0.50P) | Member-INS

# ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତାରୁ ଏବେ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ: ନିର୍ବାଚନୀ ପ୍ରତିଶ୍ରୁତି ସତ୍ତ୍ୱେ କାହିଁକି ବଦଳିଗଲା ବିଜେଡି

ଭୁବନେଶ୍ୱର, ୨।୭(ପି.ଏନ): ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିକୁ ହାସଲ ପାଇଁ ବିଜେଡି ଲଢେଇ କରିବ ବୋଲି ୨୦୦୯, ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ନିଜର ଦଳୀୟ ଇସ୍ତାହାରରେ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛି । ଆଉ ଯା' ଭିତରେ ନିଜର ସ୍ୱରକୁ ବଦଳାଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ନୁହେଁ ବରଂ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ମାନ୍ୟତା ଦିଅ ବୋଲି ଦାବି ଦୋହରାଉଛି । ତେବେ ରାଜ୍ୟବାସୀଙ୍କୁ ପ୍ରାୟ ଏକ ଦଶନ୍ଧି ଧରି ନିର୍ବାଚନୀ ପ୍ରତିଶ୍ରୁତି ଦେଇ ଆସୁଥିବା ବିଜେଡି କାହିଁକି ନିଜର ସ୍ୱରକୁ ବଦଳାଇଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ସବୁ ପ୍ରସଙ୍ଗରେ ଗତ ୭-୮ ବର୍ଷ ଧରି କେନ୍ଦ୍ରର ଏନଡିଏ ସରକାରକୁ ଅଯାଚିତ ସମର୍ଥନ ଦେଇ ଆସୁଥିବା ବିଜେଡି କାହିଁକି 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା' ଦାବି ହାସଲ ଦିଗରେ ରାଜନୀତିକ ମୂଲଚାଲ୍ କରିବାରେ ବିଫଳ ହେଲା ତାକୁ ନେଇ ଚର୍ଚ୍ଚା ।ସୂଚନା ଅନୁସାରେ ଆଜି ରାଜ୍ୟସଭାରେ ବିଜେଡି ସାଂସଦ ସସ୍ମିତ ପାତ୍ର 'ଓଡିଶାକୁ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ' ମାନ୍ୟତା ଦେବା ପାଇଁ ଦାବି ଉପସ୍ଥାପନ କରିଛନ୍ତି । ସେ ଗୃହରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଓଡିଶା ପ୍ରତିବର୍ଷ ପ୍ରାୟତଃ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ବ୍ୟାପକ ଭିତ୍ତିଭୂମି ନଷ୍ଟ ହେଉଥିବାରୁ ଓଡିଶାର ମେରୁଦଣ୍ଡ ଦୋହଲି ଯାଉଛି। ତେଣୁ ସ୍ପେଶାଲ ଫୋକସ ଷ୍ଟେଟ୍ ମାନ୍ୟତା ପାଇବାକୁ ଓଡିଶା ହକଦାର । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଦାବି ଜଣାଇଛନ୍ତି। କେନ୍ଦ୍ର ସରକାର 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା' ମାନ୍ୟତା ଦେବାକୁ ରାଜି ନାହାନ୍ତି । ମାତ୍ର ସ୍ପ ?ଶାଲ ଫୋକସ୍ ଷ୍ଟେଟ୍ ମାନ୍ୟତା ଦେବାରେ ଅସୁବିଧା କ'ଣ ବୋଲି ସେ ପ୍ରଶ୍ନ କରିବା ସହ ସ୍ପେଶାଲ ଫୋକସ ଷ୍ଟେଟ ମାନ୍ୟତା ଅବଧି ମାତ୍ର ୩ବର୍ଷ ରହୁଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଉପରେ କୌଣସି ଆର୍ଥିକ ଚାପ ବି ସୃଷ୍ଟି ହେଉନି। ତେଣୁ ଏଦିଗରେ କେନ୍ଦ୍ର ସରକାର ଗୁରୁତ୍ୱର ସହ ବିଚାର କରିବାକୁ ସେ ଦାବି କରିଥିଲେ ।ତେବେ ବିଗତ ୩ଟି ସାଧାରଣ ନିର୍ବାଚନରେ ନିଜର ନିର୍ବାଚନୀ ଇସ୍ତାହାରରେ ଓଡିଶାବାସୀଙ୍କୁ 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା' ହକ୍ ହାସଲ୍ ପାଇଁ ଲଢେଇ କରିବାକୁ ପ୍ରତିଶ୍ରୁତି ଦେଇଥିବା ବିଜେଡି କାହିଁକି ଏବେ ନିଜର ସ୍ୱରକୁ ବଦଳାଇଛି । ଯଦିଓ କୌଣସି ରାଜ୍ୟକୁ 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା' ମାନ୍ୟତା ନଦେବା ପାଇଁ ରଘୁରାମ ରାଜନ କମିଟି ୨୦୧୩ ମସିହାରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲେ । ଏହା ଜାଣି ମଧ୍ୟ ବିଜେଡି ୨୦୧୪ ନିର୍ବାଚନୀ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିକୁ ଦୋହରାଇଥିଲା । ଆଉ ନିର୍ବାଚନକୁ ଦୃଷ୍ଟିରେ ରଖି ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ କରିଥିଲା ।





## ବିଜେଡ଼ି ସାଜିଛି ବିଜେପିର ସଂକଟ ମୋଚକ : ପିସିସି ସଭାପତି

ଭୁବନେଶ୍ୱର, ୨।୮(ପି.ଏନ): ବିଜେଡ଼ି ବିଜେପି ମଧ୍ୟରେ ଥିବା ଗୁଢ ସମ୍ପର୍କ ଆମ୍ ପ୍ରକାଶ କରିଛି। ପାର୍ଲ୍ୟାମେଂଟରେ ଆଗତ ମୋଦି ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବକୁ ବିଜେଡ଼ି ବିରୋଧ କରିବ ଓ ଦିଲ୍ଲୀ ଜାତୀୟ ରାଜଧାନୀ ସରକାର ଅଂଚଳ (ସଂଶୋଧନ) ବିଲ-୨୦୨୩ ବିଧେୟକୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ଉଭୟଙ୍କ ଧମନୀରେ ସମାନ ରକ୍ତ ପ୍ରବାହିତ ହେଉଛି । ବିଜେଡ଼ି ବିଜେପିର ସଂକଟମୋଚକ ସାଜିଛି ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଥା କଥାରେ ମହିଳା ସଶକ୍ତି କରଣ ମୋ ସରକାରର ପ୍ରଧାନ ଲକ୍ଷ୍ୟ ବୋଲି ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ମଣିପୁର ମହିଳା ଲଜ୍ଜା ପ୍ରସଙ୍ଗରେ ଆଜି ପର୍ଯ୍ୟନ୍ତ ମୌନବ୍ରତ ଅବଲମ୍ବନ କରିଛନ୍ତି କାହିଁକି ? ଯେତେବେଳେ ବିଜେପିର କେତେକ ବରିଷ୍ଠ ନେତା ଘୋଷଣା କରୁଛନ୍ତି ଯେ ସେମାନେ ବିଜେଡ଼ିକୁ ଜନ୍ମ ଦେଇଛନ୍ତି, ସେତେବେଳେ ବିଜେଡ଼ି ବିଜେପି ମଧ୍ୟରେ କୌଣସି ପାର୍ଥକ୍ୟ ନରହିବା ସ୍ୱାଭାବିକ। ଓଡ଼ିଶାବାସୀ ଉଭୟ ଯୋଡ଼ିର ଅସଲ ଉଦ୍ଦେଶ୍ୟ ବୁଝିବେ ଓ ଆଗାମୀ ନିର୍ବାଚନରେ କଂଗ୍ରେସକୁ ସମର୍ଥନ ଦେଇ ବିଜେଡ଼ି-ବିଜେପିକୁ ପରାଜିତ କରିବାକୁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ କହିଥିଲେ ଯେ ଦିଲ୍ଲୀ ବିଧେୟକ ଆଇନରେ ପରିଣତ ହେଲେ ରାଜ୍ୟ ସରକାର ମାନଙ୍କର କ୍ଷମତା ସଂକୁଚିତ ହେବ ଓ ଅମଲା ମାନଙ୍କର କ୍ଷମତା ବୃଦ୍ଧି ପାଇବ। ସେହି ବିଧେୟକୁ ସମର୍ଥନ ଜଣାଇ ବିଜେଡ଼ି ଘୋଷଣା କରିବାକୁ ଚାହେଁଯେ ନିର୍ବାଚିତ ଲୋକ ପ୍ରତିନିଧି ମାନେ ନୁହଁନ୍ତି ଅମଲାମାନେ ହିଁ ପ୍ରକୃତ ଶାସନ କର୍ତା। ଶ୍ରୀ ପଟ୍ଟନାୟକ ଏହି ବ୍ୟବସ୍ଥାର ଦୃଢ଼ ନିନ୍ଦା କରିଥିଲେ। ପ୍ରଦେଶ କଂଗ୍ରେସ ଇସ୍ତାହାର କମିଟି ଅଧ୍ୟକ୍ଷ ପଂଚାନନ କାନୁନଗୋ ବିଜେଡ଼ି କୁ ପ୍ରଶ୍ନ କରି କହିଥିଲେ ଯେ ଏହି ନିଷ୍ପତି ଦ୍ୱାରା ଓଡ଼ିଶାର କି ଲାଭ ହେବ? ସେ ପଚାରିଥିଲେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ ପାଇଁ କରିଥିବା ଦାବୀ ମିଳିଲା କି ? ଏବଂ ଦ୍ୱିତୀୟରେ ଅର୍ଥ କମିଶନ ସୁପାରିଶ କରିଥିବା ଅର୍ଥ କେନ୍ଦ୍ର ସରକାର ଓଡ଼ିଶାକୁ ଦେଉଛନ୍ତି କି ? ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏହି ସାମ୍ବାଦିକ ସମ୍ମିଳନୀରେ ଅଭିମତ ରଖି କହିଥିଲେ ଯେ ଆଜିର ଘୋଷଣା ବିଜେଡ଼ିର ଛଳନାଶ୍ରୟୀ ରାଜନୀତିର ପର୍ଦାଫାଶ କରିଛି। କେନ୍ଦ୍ର ମୋଦି ସରକାରକୁ ବିଜେଡ଼ି ସମର୍ଥନ ଦେବା ନୂଆ କଥା ନୁହେଁ। ରାଜ୍ୟବାସୀ ଜାଣନ୍ତି ଅତୀତରେ ୩୭୦ ଧାରା ଉଚ୍ଛେଦ, ନାଗରିକତା ସଂଶୋଧନ ଆଇନ, ତିନି ତଲାକ, ସୂଚନା ଅଧିକାର ସଂଶୋଧନ ଆଇନ ଓ ୩ କଳା କୃଷକ ଆଇନ କ୍ଷେତ୍ରରେ ମଧ୍ୟ ବିଜେଡ଼ି ସମର୍ଥନ ଦେଇଥିଲା।

## ରେଡ୍ ଡାଏରୀ ପଢ଼ି ମୁଖ୍ୟମନ୍ତ୍ରୀ ଗେହଲଟଙ୍କୁ ଟାର୍ଗେଟ କଲେ ବହିଷ୍କୃତ ମନ୍ତ୍ରୀ



ନୂଆଦିଲ୍ଲୀ, ୨।୮(ପି.ଏନ): ରେଡ୍ ଡାଏରୀ ଦେଖାଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଟାର୍ଗେଟ କରୁଥିବା ବହିଷ୍କୃତ ମନ୍ତ୍ରୀ ରାଜେନ୍ଦ୍ର ସିଂହ ଗୁଧା ଆଜି ନୂଆ ପଦକ୍ଷେପ ନେଇଛନ୍ତି। ରେଡ୍ ଡାଏରୀରେ ଗେହଲଟଙ୍କ ବେଆଇନ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟ ଥିବା ନେଇ ରାଜେନ୍ଦ୍ର ଦାବି କରିଥିଲେ। ଆଜି ସେ ଏହାର କିଛି ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଛନ୍ତି। ବୁଧବାର ସେ ସାମ୍ବାଦିକ ସମ୍ମିଳନୀ କରି ଡାଏରୀର କିଛି ଅଂଶ ପ ?ିଛନ୍ତି ଓ ଏଥିରେ ଅଶୋକ ଗେହଲଟ ସରକାରଙ୍କ ଦୁର୍ନୀତିର ଚ ?ିଠା ରହିଥିବା ଦାବି କରିଛନ୍ତି। ରାଜେନ୍ଦ୍ର କହିଛନ୍ତି, "ଯଦି ବି ମୁଁ ଜେଲ ଯାଉଛି, ତା'ହେଲେ ବି ଏହି ଡାଏରୀରୁ ନୂଆ ଖୁଲାସା ହେବ। ଏହି ଡାଏରୀରେ ଦୁର୍ନୀତିର ବିସ୍ତୃତ ତଥ୍ୟ ରହିଛି। ଅଶୋକ ଗେହଲଟ ସରକାର କରିଥିବା ସବୁ ଦୁର୍ନୀତିର ତଥ୍ୟ ଏଥିରେ ରହିଛି। ସେମାନେ ଏବେ ମୋ ନାଁରେ ମିଥ୍ୟା କେସ୍ କରିବାକୁ ଚେଷ୍ଟା କରୁଛନ୍ତି।" ଡାଏରୀ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଏଥିରେ ଗେହଲଟଙ୍କ ପୁଅ ବୈଭବ ଓ ପର୍ଯ୍ୟଟନ ବିକାଶ ପରିଷଦର ଅଧ୍ୟକ୍ଷ ଧର୍ମେନ୍ଦ୍ର ରାଠୋରଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ରହିଛି। ବୈଭବ ଏବେ ରାଜସ୍ଥାନ କ୍ରିକେଟ ଆସୋସିଏସନର ସଭାପତି ରହିଛନ୍ତି।

## ସେପ୍ଟେମ୍ବର ୩ରୁ ଆରମ୍ଭ ହେବ ଓଜେଏସ୍ ମୁଖ୍ୟ ଲିଖିତ ପରୀକ୍ଷା

ଭୁବନେଶ୍ୱର, ୨।୮(ପି.ଏନ): ଓଡିଶା ଜୁଡିସିଆଲ ସର୍ଭିସ- ଓଜେଏସ୍ ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ସେପ୍ଟେମ୍ବର ମାସ ୩ ତାରିଖରୁ ଆରମ୍ଭ ହେବ । ପରୀକ୍ଷା ଆସନ୍ତା ସେପ୍ଟେମ୍ବର ମାସ ୩ ତାରିଖରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏନେଇ ଓଡିଶା ଲୋକସେବା ଆୟୋଗ– ଓପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି ।ଓପିଏସ୍‌ସିର ସୂଚନା ଅନୁସାରେ ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରଠାରେ ମୁଖ୍ୟ ଲିଖିତ ପରୀକ୍ଷା ହେବ । ପ୍ରିଲିମିନାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୫୭୨ ଜଣ ଛାତ୍ରୀ ଏବଂ ୪୩୨ ଜଣ ଛାତ୍ର ଓଜେଏସ୍ ? ମୁଖ୍ୟ ଲିଖିତ ପରୀକ୍ଷାରେ ଭାଗ ନେବେ।

## ବର୍ଷା ବିପ୍ୱାତ: ୯ ଜିଲ୍ଲାରେ ଓଡ୍ରାଫ-ଏନଡିଆରଏଫ ଟିମ୍ ମୁତୟନ





ଭୁବନେଶ୍ୱର, ୨।୮(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ରାଜ୍ୟରେ ଗତ ୩ଦିନ ଧରି ଲଗାଣ ବର୍ଷା ଜାରି ରହିଛି । ବର୍ଷା ବିପ୍ୱାତର ମୁକାବିଲା ପାଇଁ ରାଜ୍ୟ ସରକାର ୯ଟି ଜିଲ୍ଲାରେ ୧୦ଟି ଓଡ୍ରାଫ ଓ ଏନଡିଆରଏଫ ଟିମକୁ ମୁତୟନ କରିଥିବାବେଳେ ୧୦ଟି ଜିଲ୍ଲାରେ ୧୩ଟି ଅଗ୍ନିଶମ ସେବା ଟିମକୁ ମୁତୟନ କରିଛନ୍ତି । ଆଗାମୀ ଦୁଇଦିନ ଧରି ରାଜ୍ୟରେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ଓଡ୍ରାଫ ଓ ଏନଡିଆରଏଫ ଟିମକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି ।ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ପ୍ରବଳ ବର୍ଷା ଯୋଗୁ କେବଳ ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କ ?ତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାବେଳେ ଅନ୍ୟ ସବୁ ନଦୀର ଜଳସ୍ତର ବିପଦ ସଙ୍କ ?ତ ତଳେ ପ୍ରବାହିତ ହେଉଛି । ତେବେ ଏସବୁ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି ।ଆସନ୍ତା ଦୁଇଦିନ ଧରି ରାଜ୍ୟରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ତେଣୁ ଓଡ୍ରାଫ ଟିମକୁ କେନ୍ଦୁଝର, ସମ୍ବଲପୁରର ରେଢାଖୋଲ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, ଅନୁଗୁଳ, ବୌଦ୍ଧ ଓ ବାଲେଶ୍ୱର ଜିଲ୍ଲାରେ ମୋଟ୍ ୮ଟି ଟିମକୁ ମୁତୟନ କରାଯାଇଥିବାବେଳେ ଏନଡିଆରଏଫର ଗୋଟିଏ ଲେଖାଏଁ ଟିମକୁ ଭଦ୍ରକ ଓ ଯାଜପୁରରେ ମୁତୟନ କରାଯାଇଛି । ସେହିପରି ଭଦ୍ରକ ଓ ଯାଜପୁରରେ ୩ଟି ଲେଖାଏଁ ଅଗ୍ନିଶମ ବାହିନୀ ଟିମ ସମେତ ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ସୋନପୁର, ବୌଦ୍ଧ, କନ୍ଧମାଳ ଓ ବାଲେଶ୍ୱର ଜିଲ୍ଲାରେ ୧୩ଟି ଟିମ୍ ମୁତୟନ ଅଛନ୍ତି । ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି ।

## ୫-ଟି ସ୍କୁଲ ରୂପାନ୍ତରଣ ଯୋଜନାରେ ବଡ଼ ଦୁର୍ନୀତି - ସ୍ଥିତି ଅନୁଧ୍ୟାନ କଲା କଂଗ୍ରେସ ଟିମ୍

ଭୁବନେଶ୍ୱର, ୨।୮(ପି.ଏନ): ରାଜ୍ୟ ସରକାରଙ୍କ ୫-ଟି ଯୋଜନା ମାଧ୍ୟମରେ ସାରା ରାଜ୍ୟରେ ଚାଲିଥିବା ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ରାଜ୍ୟ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଏହି ଯୋଜନା ରାଜ୍ୟର ସବୁଠାରୁ ବଡ଼ ଦୁର୍ନୀତି ବୋଲି କହିଛି କଂଗ୍ରେସ। ଯୋଜନା ମାଧ୍ୟମରେ ରାଜ୍ୟ ସରକାର ସାଧାରଣ ଜନତାଙ୍କ କୋଟି କୋଟି ଟଙ୍କାକୁ ବିଜୁ ଜନତା ଦଳର ମୁଷ୍ଟିମେୟ କର୍ମୀ, ଠିକାଦାର ଓ ନେତା ଦଳୀୟ ପାଣ୍ଠି ମାଧ୍ୟମରେ ହରିଲୁଟ୍ କରୁଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ପ୍ରଦେଶ କଂଗ୍ରେସ କମିଟିର ୫ ଜଣିଆ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଗତ କାଲି ତାଳଦା ପଂଚାୟତର ପଢ଼ୀଆରୀ ବିଦ୍ୟାପୀଠକୁ ଗସ୍ତ କରି ସ୍କୁଲର ଛାତରୁ ପ୍ଲାଷ୍ଟର ଖସିବା ଏବଂ ନିମ୍ନ ମାନର କାର୍ଯ୍ୟ କରାଯାଇଥିବା ସ୍ଥିତିର ଅନୁଧ୍ୟାନ କରି ଫେରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ପ୍ଲାଷ୍ଟର ଖସିବା ଦ୍ୱାରା ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସେନାପତି ଏବଂ ଶିକ୍ଷକ ତ୍ରିଲୋଚନ ବେହେରା ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ସମଗ୍ର ରାଜ୍ୟରେ ତୀବ୍ର ଆଲୋଡନ ସୃଷ୍ଟି କରିଥିଲା। ସରକାର ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି କରୁ ନ ଥିବା ବେଳେ କେବଳ ପୁରୁଣା ସ୍କୁଲରେ ଚୂନ ମାରି ଯେଉଁ ରୂପାନ୍ତରିକରଣଚାର୍ଯ୍ୟ କରୁଛନ୍ତି ଏହା ନବୀନ ସରକାରର ମୁଖା ଖୋଲିଛି। ରାଜ୍ୟରେ ମଧ୍ୟ ଅନ୍ୟ ବିଦ୍ୟାଳୟଗୁଡ଼ିକ ଠିକ୍ ଏହି ପରି ନିମ୍ନମାନର କାର୍ଯ୍ୟ କରାଯାଇଥିବ। ତେଣୁ ଏହି ସମ୍ପର୍କରେ ଏକ ରିପୋର୍ଟ ପିସିସି ସଭାପତିଙ୍କୁ ପ୍ରଦାନ କରାଯିବା ପରେ କଂଗ୍ରେସ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ସାଂସଦ ପିସିସି ଉପସଭାପତି ନକୁଳ ନାୟକ, ପିସିସି ସାଧାରଣ ସମ୍ପାଦିକା ରଶ୍ମୀ ମହାପାତ୍ର, ପିସିସି ଉପ ସଭାପତି ତଥା କାକଟପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ ଗସ୍ତ କରିଥିବା ବେଳେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟ ନାରାୟଣ ପଟ୍ଟନାୟକ, କଂଗ୍ରେସ ନେତା ବିନାୟକ ଦାସ ମହାପାତ୍ର, ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟି ସଭାପତି ସୁକାନ୍ତ ମହାନ୍ତି, କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି ଅବଧୂତ ସ୍ୱାଇଁ, ପୁରୀ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, କଂଗ୍ରେସ ନେତା ପ୍ରଫୁଲ୍ଲ ନାୟକ, ବିପିନ ମହାନ୍ତି, ସେକ୍ ଲିଆକତ୍, ପ୍ରଶାନ୍ତ ଭୋଲ, ଜିତେନ୍ଦ୍ର ନାୟକ ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ବିଶ୍ୱସ୍ତରୀୟ ସ୍ୱର୍ଣ୍ଣାଭ ପୁରୀ ବିଚର ନଗ୍ନ ନମୁନା, ସମୁଦ୍ରରେ ଲାଗିଛି ମଇଳା ପାଣିର କୃତ୍ରିମ କେନାଲ, ଦୁର୍ଗନ୍ଧ ପରିବେଶରେ ପର୍ଯ୍ୟଟକ ଅତିଷ୍ଠ (ଫଟୋ-ଡି.ପି. ଗାଙ୍ଗୁଲି)

## ବର୍ଷାରେ ଭିଜି ଭିଜି ଧାରଣାରେ ବସିଲେ ଜିଲ୍ଲାପରିଷଦ ସଭ୍ୟା



ବଲାଙ୍ଗିର, ୨।୮(ପି.ଏନ): ଗାଁରେ ବର୍ଷା ଛେଚୁଥିଲା। ଘରୁ ବାହାରି ହେଉନଥିଲା। ତାହାରି ଭିତରେ ବର୍ଷାରେ ଭିଜି ଭିଜି ଗାଁ ଦାଣ୍ଡରେ ଧାରଣାରେ ବସିଥିଲେ ଜିଲ୍ଲାପରିଷଦ ସଭ୍ୟା। ଗରିବଙ୍କୁ ପଲିଥିନ୍ ? ଓ ପକ୍କା ଘର ଯୋଗାଇଦେବାକୁ ଦାବି କରି ସେ ଧାରଣାରେ ବସିଥିଲେ। ଏପରି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍ ଅଞ୍ଚଳରେ। ଦୀର୍ଘ ସମୟ ଧରି ଧାରଣାରେ ବସିବା ପରେ ବେଲ୍ ?ପଡା ବିଡିଓ ଗାଁକୁ ଯାଇ ପ୍ରତିଶ୍ରୁତି ଦେବାରୁ ଜିଲ୍ଲା ପରିଷଦ ସଭ୍ୟା ଧାରଣାରୁ ଉଠିଥିବା ଜଣାପଡିଛି। ବେଲପଡା ବ୍ଲକ୍ ବିଳାଇମରା ଏକ ଆଦିବାସୀ ଅଧ୍ୟୁଷିତ ଗାଁ। କାମଦାମ କରି ଚଳନ୍ତି। ରହିବା ପାଇଁ ଘର ଖଣ୍ଡିଏ ନାହିଁ। ଅତି ଦୟନୀୟ ଅବସ୍ଥାରେ ଲୋକମାନେ ଭଙ୍ଗା ଦଦରା ମାଟି ଘରେ ପରିବାର ନେଇ ଜୀବନ ଅତିବାହିତ କରୁଛନ୍ତି। ଦୁଇ ମାସ ତଳେ ପରିଦର୍ଶନରେ ଯାଇ ଗାଁର ବିକଳ ଚିତ୍ର ଦେଖିବାକୁ ପାଇଥିଲେ ବେଲପଡା ୨୬ ନମ୍ବର ଜିଲ୍ଲାପରିଷଦ ଅନିମା ଦାସ। ସେତେବେଳେ ସେ ଏନେଇ ସବ୍‌କଲେକ୍ଟର ଓ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଇଥିଲେ। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ପଲିଥିନ୍ ? ଓ ପରବର୍ତ୍ତୀ ସମୟରେ ପକ୍କା ଘର ଯୋଗାଇ ଦେବାକୁ ଦାବି କରିଥିଲେ ଶ୍ରୀମତି ଦାସ।

## ସାଂପ୍ରଦାୟିକ ହିଂସାରେ ଜଳୁଛି ହରିଆଣା: ମୁଖ୍ୟମନ୍ତ୍ରୀ କହିଲେ- ଆମେ ସମସ୍ତଙ୍କ ସୁରକ୍ଷା କରିପାରିବୁ ନାହିଁ



ହରିଆଣା, ୨।୮(ପି.ଏନ): ହରିଆଣାର ନୁହ୍‌ରେ ସୋମବାର ଆରମ୍ଭ ହୋଇଥିବା ସାଂପ୍ରଦାୟିକ ହିଂସାର ପ୍ରଭାବ ରାଜଧାନୀ ଦିଲ୍ଲୀର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଲାଣି। ନୁହେ୍‌ରେ ସୋମବାର ହୋଇଥିବା ଦଙ୍ଗାରେ ୬ ଜଣଙ୍କ ଜୀବନ ମଧ୍ୟ ଯାଇଛି। ଦଙ୍ଗାକାରୀ ଶତାଧିକ ଗାଡି ଜାଳି ଦେବା ସହ ଦୋକାନ ଓ ରେଷ୍ଟୁରାଣ୍ଟରେ ଭଙ୍ଗା ରୁଜା କରିଛନ୍ତି। ଦୁଇ ଦିନ ହେଲେ ଉତ୍ତେଜନା ଲାଗି ରହିଥିବା ବେଳେ ଆଜି ହିଂସା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ।ସେ ରାଜ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟୀ ରଖିବାକୁ ଲୋକଙ୍କୁ ନିବେଦନ କରିଛନ୍ତି। କିନ୍ତୁ ଆର୍ମି କିମ୍ବା ପୁଲିସ୍ ?, କେହି ବି ଏହାର ଗ୍ୟାରେଣ୍ଟି ଦେଇ ପାରିବେ ନାହିଁ। ଆମେ ସମସ୍ତଙ୍କ ସୁରକ୍ଷା କରିପାରିବୁ ନାହିଁ ବୋଲି ସେ କହିଛନ୍ତି। ତାଙ୍କର ଏପରି ବୟାନକୁ ନେଇ ବେଶ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ୧୦ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨।୮(ପି.ଏନ):ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ୨୪ ଘଂଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ସେହିପରି ରାଜ୍ୟର ସମସ୍ତ ବନ୍ଦର ଗୁଡିକୁ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ୧୦ ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲା ଗୁଡିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ସୋନପୁର, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ବୌଦ୍ଧ। ଏହି ଜିଲ୍ଲାମାନଙ୍କରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ଅତି ପ୍ରବଳ ବର୍ଷା ଯୋଗୁ ତଳିଆ ଅଂଚଳରେ ପାଣି ଜମିବା ସହ ଫ୍ଲାସ୍ ଫ୍ଲଡ୍ ଆଶଙ୍କା ରହିଛି। ସେହିପରି ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକ ହେଲା ଢେଙ୍କାନାଳ, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି ଓ କନ୍ଧମାଳ। ଏହି ଜିଲ୍ଲାଗୁଡିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କଟକ, ନୟାଗଡ଼, ନବରଙ୍ଗପୁର, ଯାଜପୁର। ଅପରପକ୍ଷରେ ୩ ତାରିଖ ପାଇଁ ୩ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ, ଝାରସୁଗୁଡା ଓ ବରଗଡ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକୁ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଥିନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଲି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଲି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟଭିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍‌ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍‌ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍‌ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍‌ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଯାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍‌ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦ୍ଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜାତୀୟ ଶିକ୍ଷା ନୀତି-୨୦୨୦ ଓ ଜୱାହର ନବୋଦୟ ବିଦ୍ୟାଳୟ ,ବୌଦ୍ଧ

ଭୁବନେଶ୍ୱର,(ପି.ଏନ): ଜାତୀୟ ଶିକ୍ଷା ନୀତି (NEP) ୨୦୨୦, ଭାରତର ଶିକ୍ଷା ଦୃଶ୍ୟପଟ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର, ଯାହା ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଶିକ୍ଷାଦାନ ଏବଂ ଶିକ୍ଷାଦାନ ପଦ୍ଧତି ରେ ବିପ୍ଳବ ଆଣିବାକୁ ଲକ୍ଷ୍ୟ ରଖେ। ବିଦ୍ୟାଳୟ ସ୍ତରୀୟ ଶିକ୍ଷା ବ୍ୟବସ୍ଥା ରେ ଏହାର ସଫଳ କାର୍ଯ୍ୟକାରିତା ଭାରତକୁ ପ୍ରଗତିଶୀଳ ଶିକ୍ଷାର ଏକ ନୂତନ ଯୁଗକୁ ଆଗେଇ ନେଇଛି। ଘରଚ-୨୦୨୦ ଛାତ୍ରମାନଙ୍କୁ ସାମଗ୍ରିକ ବିକାଶ, ପ୍ରଗତିଶୀଳ ଚିନ୍ତାଧାରା ଏବଂ ସୃଜନଶୀଳତା ସହିତ ସଶକ୍ତ କରିବାକୁ ଯୋଜନା ହୋଇଥିବାବେଳେ ସେମାନଙ୍କୁ ଅତ୍ୟାବଶ୍ୟକ ଜୀବନ କୌଶଳ ସହିତ ପରିଚିତ କରାଇ ଥାଏ।

NEP-୨୦୨୦ ର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶ୍ରେଣୀଗୃହରେ ଡିଜିଟାଲ୍ ସାକ୍ଷରତା ଏବଂ ପ୍ରଯୁକ୍ତିବିଦ୍ୟା ର ଉପଯୋଗୀତା। ବିଦ୍ୟାଳୟରେ ଥିବା ଡିଜିଟାଲ୍ ଉପକରଣଗୁଡ଼ିକୁ ବ୍ୟବହାର କରି ସମଗ୍ର ଦେଶରେ ବିଦ୍ୟାଳୟଗୁଡ଼ିକ ଆଧୁନିକ ଶିକ୍ଷାଦାନ ପ୍ରଣାଳୀକୁ ସାଦରେ ଗ୍ରହଣ କରିଛନ୍ତି। ସହରାଞ୍ଚଳ-ଗ୍ରାମୀଣ ବିଭେଦକୁ ଦୂର କରି ଏହି ପନ୍ଥା ଶିକ୍ଷାକୁ ଅଧିକ ସୁଗମ କରିପାରିଛି। ଘରଚ-୨୦୨୦ ର ସଫଳ ରୂପାୟନ କ୍ଷେତ୍ର ରେ ଜୱାହର ନବୋଦୟ ବିଦ୍ୟାଳୟ, ପାଲଝର ସମଗ୍ର ଜିଲାରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପରିଗଣିତ ହେଇ ପାରିଛି। ବିଦ୍ୟାଳୟ ସ୍ତର ରେ ଏନ ଇ ପି? -୨୦୨୦ ଆଧାରିତ କେତେକ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଆୟୋଜିତ କରା ଯାଉଛି। କାର୍ଯ୍ୟକଳାପ ଆଧାରିତ ଶିକ୍ଷଣ(Activity Based Learninଶ): ବିଦ୍ୟାଳୟରେ କାର୍ଯ୍ୟକଳାପ ଭିତ୍ତିକ ଶିକ୍ଷଣ ମାଧ୍ୟମରେ ପାରସ୍ପରିକ କାର୍ଯ୍ୟ, ପରୀକ୍ଷଣ ଏବଂ ପ୍ରକଳ୍ପ ଅନ୍ତର୍ଭୁକ୍ତ। ବିଜ୍ଞାନ ଶ୍ରେଣୀରେ ଛାତ୍ରମାନେ ରାସାୟନିକ ପ୍ରତିକ୍ରିୟା ଦେଖିବା ପାଇଁ ରସାୟନ ବିଜ୍ଞାନ ପରୀକ୍ଷା କରି ଏହି ଶିକ୍ଷଣକୁ ଉପଭୋଗ୍ୟ ଏବଂ ଅର୍ଥପୂର୍ଣ୍ଣ କରିବାବେଳେ ନିଜର ଚିନ୍ତାଧାରା ଏବଂ ସମସ୍ୟା ସମାଧାନ କୌଶଳ କୁ ବିକଶିତ କରିଥାନ୍ତି। ବିଦ୍ୟାଳୟ ରେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରି ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରାଯାଉଛି। ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ଶ୍ରୀ କୈଳାଶ ଚନ୍ଦ୍ର ଭୋଇ ,ଶ୍ରୀ ଅବିନାଶ ସାହୁ , ଗଣିତ ଶିକ୍ଷକ ଶ୍ରୀ ପ୍ରଶାନ୍ତ ସୋନି ,ଓ ଶିକ୍ଷିକା ନୂର ଶବା ତଥା ଅନ୍ୟ ଶିକ୍ଷକ ମାନେ ଏହି କାର୍ଯ୍ୟକଳାପ ଆଧାରିତ ଶିକ୍ଷଣ ମାଧ୍ୟମ ରେ ବିଦ୍ୟାଳୟ କୁ ଏକ ନୂତନ ପରିଚୟ ଦେଇଛନ୍ତି। ଖେଳନା ଭିତ୍ତିକ ଶିକ୍ଷାଦାନ (Toy based pedagogy): ବିଦ୍ୟାଳୟରେ ଖେଳନା ଭିତ୍ତିକ ଶିକ୍ଷାଦାନକୁ ଏକ ଶିକ୍ଷଣ ପଦ୍ଧତି ଭାବରେ ଶ୍ରେଣୀ ଗୃହ ରେ କାର୍ଯ୍ୟକାରୀ କରା ଯାଉଛି। ଉଦାହରଣ ସ୍ୱରୂପ, ଗଣିତ ଶ୍ରେଣୀରେ, ଛାତ୍ରମାନେ ଯୋଗ ,ବିୟୋଗ ଏବଂ ବିତରଣର ପାଇଁ ବିଲ୍ଡିଂ ବ୍ଲକ୍ ବ୍ୟବହାର କରି କଠିନ ପ୍ରଣାଳୀ କୁ ସରଳ ଭାବରେ ବୁଝି ପାରୁଛନ୍ତି। ସେହିଭଳି, ଭୂଗୋଳ ଶ୍ରେଣୀରେ ଏକ ଖେଳନା ର ପ୍ରଣାଳୀ ମଡେଲ୍ ଛାତ୍ରମାନଙ୍କୁ ଗ୍ରହମାନଙ୍କର ସ୍ଥିତି ଏବଂ କକ୍ଷପଥକୁ ପ୍ରଭାବଶାଳୀ ଭାବରେ ବୁଝିବାରେ ସାହାଯ୍ୟ କରିଛି। ଏହି ପଦ୍ଧତି ରେ ନବୋଦୟ ବିଦ୍ୟାୟଳୟ ର ଶିକ୍ଷକ,ଶିକ୍ଷୟିତ୍ରୀ ଓ ପିଲାମାନେ ସକ୍ରିୟ ଯୋଗଦାନ କରି ଏକ ମଜାଳିଆ ଶିକ୍ଷଣ ପରିବେଶକୁ ଉପଭୋଗ କରିଥାନ୍ତି, ଯାହା ଜଟିଳ ବିଷୟଗୁଡ଼ିକୁ ପିଲାମାନଙ୍କ ପାଇଁ ଅଧିକ ସୁଗମ କରିଥାଏ।

ଖେଳ ଭିତ୍ତିକ ଶିକ୍ଷା (Game Based learning): ଏଠାରେ ଖେଳ-ଆଧାରିତ ଶିକ୍ଷଣ ପଦ୍ଧତି ଅବଲମ୍ବନ କରି ଶିକ୍ଷକ ଦିଲ୍ଲୀପ କୁମାର ବାଡତ୍ୟା ପିଲା ମାନଙ୍କର ଭାଷା ଜ୍ଞାନ କୁ ଉଜ୍ଜୀବିତ କରିବା ପାଇଁ କାର୍ଡ ବୋର୍ଡ ସାହାଯ୍ୟ ରେ ବିଭିନ୍ନ ଶବ୍ଦ ର ଖେଳ ଖେଳାନ୍ତି ଯାହା ଦ୍ୱାରା ପିଲାମାନେ ମଜାଳିଆ ଢଙ୍ଗ ରେ ଶିକ୍ଷା କୁ ଆହୁରି ଉପଭୋଗ କରନ୍ତି। ହାଇବ୍ରିଡ୍ ଶିକ୍ଷା (ଐଚ୍ଛଭକ୍ସସୟ କ୍ଷରବକ୍ସଭସଭଶ ):ହାଇବ୍ରିଡ୍ ଶିକ୍ଷା ନୂତନ ଶିକ୍ଷା ନୀତି -୨୦୨୦ ର ଏକ ଯୁଗ ଉପଯୋଗୀ ଚିନ୍ତାଧାରା। ଏହି ବିଦ୍ୟାଳୟରେ ହାଇବ୍ରିଡ୍ ଶିକ୍ଷା ଅର୍ଥାତ ଉଭୟ ବ୍ୟକ୍ତିଗତ ଏବଂ ଅନଲାଇନ୍ ଶିକ୍ଷା ପଦ୍ଧତିକୁ ଏକତ୍ର କରି ଶିକ୍ଷକ ମାନେ ଶିକ୍ଷଣ କାର୍ଯ୍ୟ କୁ ସମ୍ପାଦିତ କରିଥାନ୍ତି। ଡିଜିଟାଲ୍ ଉପକରଣ ଗୁଡିକର ସଠିକ ଉପଯୋଗ ପାଇଁ ବ୍ୟାପକ ସୁବିଧା ବିଦ୍ୟାଳୟ ରେ ରହିଛି ତେଣୁ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ମାନେ ସଶରୀର ଶ୍ରେଣୀ ରେ ଯୋଗଦେବା ସହିତ ନିଜର ଗୃହ କାର୍ଯ୍ୟ , ପ୍ରୋଜେକ୍ଟ କାର୍ଯ୍ୟ ସବୁ ଅନଲାଇନ ରେ ହି କରନ୍ତି। ହାୟବ୍ରୀଡ ଶିକ୍ଷା ପ୍ରଶିକ୍ଷିତ ଶିକ୍ଷକ କୈଳାଶ ଚନ୍ଦ୍ର ଭୋଇ ଓ ଅଫିସିଆଲ ଓ୍ୱେବେଲେଟ ଆମ୍ବାସଡର ଦିଲ୍ଲୀପ କୁମାର ବାଡତ୍ୟାଙ୍କ ପ୍ରେରଣା ରେ ପିଲାମାନେ ଓ୍ୱେକେଲେଟ ଓ୍ୱେବସାଇଟରେ ସହଯୋଗୀ ଶିକ୍ଷା (Collaborative Project)କୁ ନିଜ ପାଠ ରେ ଶାମିଲ କରି ବିଭିନ୍ନ ପ୍ରକଳ୍ପ (ଚକ୍ସକ୍ଷହରମଶ୍ୱ)ସମ୍ପାଦିତ କରି ପାରିଛନ୍ତି। ପ୍ରତ୍ୟେକ ପିଲାଙ୍କର ଇ-ମେଲ ଆଇଡି ଖୋଲି ଡିଜିଟାଲ ଓ ଅନଲାଇନ କୁଇଜ ତିଆରି କରିବାରେ ବିଦ୍ୟାଳୟ ସମର୍ଥ ହେଇଛି। ଅବଶ୍ୟ ଏହି କ୍ଷେତ୍ର ରେ କମ୍ପ୍ୟୁଟର ଶିକ୍ଷକ ଶ୍ରୀ ଦେବରାଜ ସା ଙ୍କର ଯୋଗଦାନ ଅତୁଳନୀୟ। smart room ରୁମ ର ଅଧିକ ରୁ ଅଧିକ ବ୍ୟବହାର କରି ଇଂରାଜୀ ଶିକ୍ଷକ ଶ୍ରୀ ଆଲୋକ ରଞ୍ଜନ ବେହେରା ହାଇବ୍ରିଡ ଶିକ୍ଷା କୁ ଅଧିକ ଋଦ୍ଧିମନ୍ତ କରିଛନ୍ତି। କମ୍ପ୍ୟୁଟର ସାକ୍ଷରତା ଅଭିଯାନ କ୍ଷେତ୍ର ରେ ବିଦ୍ୟାଳୟ ଅପୂର୍ବ ସଫଳତା ହାସିଲ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରୋଜେକ୍ଟ ଆଧାରିତ ଶିକ୍ଷଣ : (Project Based Learning)ପ୍ରୋଜେକ୍ଟ-ଆଧାରିତ ଶିକ୍ଷଣ (ପିବିଏଲ୍) ହେଉଛି ଏକ ଶିକ୍ଷଣୀୟ ପନ୍ଥା ଯେଉଁଠାରେ ଛାତ୍ରମାନେ ହ୍ୟାଣ୍ଡ-ଅନ୍ ପ୍ରୋଜେକ୍ଟ ମାଧ୍ୟମରେ ଜ୍ଞାନ ଏବଂ କୌଶଳ ହାସଲ କରନ୍ତି। ପାରମ୍ପରିକ ବକ୍ତୃତା ପରିବର୍ତ୍ତ ?, ସେମାନେ ବାସ୍ତବ ଦୁନିଆର ସମସ୍ୟାର ଅନୁସନ୍ଧାନ କରନ୍ତି ଏବଂ ନିରପେକ୍ଷ ଭାବରେ କିମ୍ବା ଗୋଷ୍ଠୀରେ ସମାଧାନର ବିକାଶ କରନ୍ତି। ବିଦ୍ୟାଳୟର କଳା ଶିକ୍ଷକ ଶ୍ରୀ ଅଲେଖ ତ୍ରିପାଠୀ ଙ୍କ ତତ୍ୱାବଧାନ ରେ ଆୟୋଜିତ କଳା ପ୍ରଦର୍ଶନୀ ପ୍ରୋଜେକ୍ଟ ଆଧାରିତ ଶିକ୍ଷଣ ବ୍ୟବସ୍ଥାର ଉଦାହରଣ ପ୍ରସ୍ତୁତ କରି ପାରିଛନ୍ତି। ବିଜ୍ଞାନ ଶ୍ରେଣୀରେ, ଛାତ୍ରମାନେ ପରିବେଶ ଦକ୍ଷତାର ସମାଧାନ ପାଇଁ ଶକ୍ତି ଦକ୍ଷତା, ବର୍ଜ୍ୟବସ୍ତୁ ହ୍ରାସ ଏବଂ ସବୁଜ ଭିତ୍ତିଭୂମି ଧାରଣାକୁ ଅନ୍ତର୍ଭୁକ୍ତ କରି ଏକ ମଡେଲ୍ ନିର୍ମାଣ କରିପାରିଛନ୍ତି। କଳା ଏକୀକୃତ ଶିକ୍ଷା (Art Integrated Learning) : ଆର୍ଟ ଇଣ୍ଟିଗ୍ରେଟେଡ୍ ଲର୍ନିଂ (ଇଓଖ) ହେଉଛି ଏକ ଶିକ୍ଷାଦାନ ପଦ୍ଧତି ଯାହା ଶିକ୍ଷାର ଅଭିଜ୍ଞତାକୁ ବଢାଇବା ପାଇଁ ପ୍ରଦର୍ଶନ କଳା ଏବଂ ଲଳିତ କଳା ମାଧ୍ୟମ ରେ ସଙ୍ଗୀତ, ଚିତ୍ର, ଡ୍ରାମା କୁ ପାରମ୍ପରିକ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଶିକ୍ଷା ଦିଆ ଯାଏ। ଏହି ବିଦ୍ୟାଳୟ ରେ ଇତିହାସ, ସାହିତ୍ୟ, ଏବଂ ଅନ୍ୟ ବିଷୟ ଗୁଡିକୁ ଅନ୍ତଭୂକ୍ତ କରା ଯାଇଛି। ଇତିହାସ ର ସଂସଦ ବିଷୟ କୁ ଅଧିକ ଆକର୍ଷଣୀୟ ଏବଂ ସ୍ମରଣୀୟ କରିବା ପାଇଁ ଡ୍ରାମା, ଓ ରୋଲ ପ୍ଲେ ସାହାଯ୍ୟ ରେ ଶିକ୍ଷକ ନିଜ ଶ୍ରେଣୀ ରେ କଳା ଏକୀକୃତ ଶିକ୍ଷା କୁ ସାକାର କରିଛନ୍ତି। ସାହିତ୍ୟ ଶ୍ରେଣୀ ରେ ଓଡିଆ ଶିକ୍ଷୟତ୍ରୀ ଶ୍ରୀମତୀ ଅଳକା ନାୟକଙ୍କର କଳା ଏକୀକୃତ ଶିକ୍ଷା ପିଲାଙ୍କ ମନରେ ସୃଜନାତ୍ମକ ଚିନ୍ତାଧାରା କୁ ନୂତନ ଦିଗ ପ୍ରଦାନ କରିଛି। ତାଙ୍କର ଅଭିନୟ ଶୈଳୀ ଓ ପ୍ରଦର୍ଶନ କଳା ଦ୍ୱାରା ଛାତ୍ରଛାତ୍ରୀ ମାନେ ପ୍ରଭାବିତ ହେଇ ପାଠ କୁ ଅଧିକ ଉପଭୋଗ କରୁଛନ୍ତି। ଦକ୍ଷତା ଆଧାରିତ ପାଠ୍ୟ ଯୋଜନା:(Competency Based Lesson Plan): ଜାତୀୟ ଶିକ୍ଷା ନୀତି ଘରଚ-୨୦୨୦ ର ଦକ୍ଷତା ଭିତ୍ତିକ ପାଠ୍ୟ ଯୋଜନା ପ୍ରଣାଳୀ ଛାତ୍ରମାନଙ୍କ ମଧ୍ୟରେ ନୂତନ ଚିନ୍ତାଧାରା, ସମସ୍ୟାର ସମାଧାନ ଏବଂ ବ୍ୟବହାରିକ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ ନବୋଦୟ ବିଦ୍ୟାଳୟ,ପାଲଝର ର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ପ୍ରତ୍ୟେକ ବିଷୟ ର ଦକ୍ଷତା ଆଧାରିତ ଯୋଜନା ପ୍ରସ୍ତୁତ କରି ଶ୍ରେଣୀ ଗୃହ ଶିକ୍ଷାପ୍ରଣାଳୀ ରେ ଏକ ନୂତନ ପରିବର୍ତ୍ତନ ଆଣି ପାରିଛନ୍ତି।

ନବୋଦୟ ବିଦ୍ୟାଳୟ ,ପାଲଝର ରେ ଜାତୀୟ ଶିକ୍ଷା ନୀତି-୨୦୨୦ର ସଫଳ ରୂପାୟନ ଏକ ଯୁଗାଂତକାରି ପଦକ୍ଷେପ ଯାହା ବିଭିନ୍ନ ପାଠ୍ୟକ୍ରମ ଓ ସହ ପାଠ୍ୟକ୍ରମ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣି ପାରିଛି। ଭୂତପୂର୍ବ ଅଧ୍ୟକ୍ଷା ଶ୍ରୀମତୀ ଜଲ୍ଲୀ ଟୋମି ଓ ଉପାଧ୍ୟକ୍ଷ ଶ୍ରୀ ସୁରେଶ କୁମାର ସାହୁଙ୍କ ଦିଗଦର୍ଶନ ରେ ଏହି ଆବାସିକ ବିଦ୍ୟାଳୟଟି ଶିଶୁମାନଙ୍କର ଯତ୍ନ ନେବା ସଙ୍ଗେ ସଙ୍ଗେ ଶିଶୁର ସାମଗ୍ରିକ ବିକାଶ ପାଇଁ ସର୍ବଦା ମୂଳ ଶିକ୍ଷଣକୁ ଗୁରୁତ୍ୱ ଦେଇ ଆସିଛି ,ଅଧିକନ୍ତୁ, ଏହା ଏକ ବହୁମୁଖୀ ଆଭିମୁଖ୍ୟକୁ ମଧ୍ୟ ପ୍ରୋତ୍ସାହିତ କରି ପାରିଛି।

ଦିଲୀପ କୁମାର ବାଡତ୍ୟା
ସ୍ନାତକୋତ୍ତର ଶିକ୍ଷକ (ହିନ୍ଦୀ )
ଜବାହାର ନବୋଦୟ ବିଦ୍ୟାଳୟ,
ପାଲଝର ,ବୌଦ୍ଧ,ଓଡିଶା
ମୋ: ୭୯୭୮୬୭୨୩୭୪

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ଏଲଆଇସି ମ୍ୟୁଚୁଆଲ୍ ଫଣ୍ଡ ତରଫରୁ ଆଇଡିବିଆଇ ଏମଏଫ୍‌ସ୍କିମ୍ ମର୍ଜର ସମ୍ପୂର୍ଣ୍ଣ ହେବା ଘୋଷଣା କରାଯାଇଛି

ମୁମ୍ବାଇ , (ପି.ଏନ): ଏଲଆଇସି ମ୍ୟୁଚୁଆଲ୍ ଫଣ୍ଡ (ଏଲଆଇସି ଏମଏଫ୍) ଭାରତୀୟ ଆସେଟ୍ ମ୍ୟାନେଜମେଂଟ ଶିଳ୍ପର ଅନ୍ୟତମ ସ୍ୱନାମଧନ୍ୟ ଫଣ୍ଡ ହାଉସ୍, ଯାହାକି ଆଇଡିବିଆଇ ମ୍ୟୁଚୁଆଲ୍ ଫଣ୍ଡର (ଆଇଡିବିଆ ଏମଏଫ୍) ସ୍କିମ୍ ଅଧିକାରକୁ ନେବା ସଫଳତାର ସହ ସମ୍ପୂର୍ଣ୍ଣ ହେବା ଘୋଷଣା କରିଛି । ଏହି ମର୍ଜିରବା ନିମଜ୍ଜନ ପ୍ରଭାବଶାଳୀ ହେବାର ତାରିଖ ଜୁଲାଇ ୨୯, ୨୦୨୩ ରହିଛି ।ଏଲଆଇସି ଏମଏଫ୍‌ର ଲକ୍ଷ୍ୟ ହେଉଛି ଏହାର ପ୍ରଡକ୍ଟ ଅଫରିଙ୍ଗକୁ ଦୃଢ଼ୀଭୂତ କରିବା ଏବଂ ବହୁଧା ବିଭକ୍ତ କରିବା, ଯାହା ଫଳରେ ଏହାର ପ୍ରଭାବ ବିସ୍ତୃତ ହେବ ଏବଂ ଆସେଟସ୍ ଅଣ୍ଡର ମ୍ୟାନେଜମେଂଟ (ଏୟୁଏମ୍)ରେ ଏହାର ଅଭିବୃଦ୍ଧି ଦେଶର ଅନ୍ୟତମ ଅଗ୍ରଣୀ ଏମଏଫ୍ ହାଉସ୍ ଭାବରେ ପ୍ରତିଷ୍ଠା ଲାଭ କରିବ । ଜୁନ୍ ୩୦ ତାରିଖ ୨୦୨୩ ଅନୁଯାୟୀ ଏଲଆଇସି ଏମଏଫ୍‌ର ଏୟୁଏମ୍ ଟ.୧୮,୪୦୦ କୋଟି ଏବଂ ଆଇଡିବିଆଇ ଏମଏଫ୍‌ର ୩,୬୫୦ କୋଟି ଟଙ୍କା ରହିଥିଲା ।ଏହି ନିମଜ୍ଜନ ସମ୍ପୂର୍ଣ୍ଣ ହେବା ପରେ ଆଇଡିବିଆଇ ଏମଏଫ୍‌ର ୨୦ଟି ସ୍କିମ୍ ମଧ୍ୟରୁ ୧୦ଟି ସ୍କିମ୍ ଏଲଆଇଏସ୍ ଏମଏଫ୍‌ର ଅନୁରୂପ ସ୍କିମ୍ ସହିତ ନିମଜ୍ଜିତ ହେବ ଏବଂ ଅବଶିଷ୍ଟ ୧୦ଟି ଏକକ ଭିତିରେ ଏଲଆଇସି ଏମଏଫ୍ ଅଧିକାରକୁ ନେବ, ଏହା ଫଳରେ ଏହାର ମୋଟ ସ୍କିମ୍ ସଂଖ୍ୟା ୩୮ ହେବ । ଏହି ନିମଜ୍ଜନ ସହିତ, ଆଇଡିବିଆଇ ଏମଏଫ୍ ସ୍କିମ୍‌ରେ ନିବେଶକାରୀବୃନ୍ଦ ଏଲଆଇସି ଏମଏଫ୍‌ର ବହୁଧା ବିଭକ୍ତ ଉତ୍ପାଦର ସମ୍ଭାର ପ୍ରତି ଅଭିଗମ୍ୟତା ଲାଭ କରିବେ, ଯାହାକି ଇକ୍ୟୁଟି, ଡେବ୍ଟ, ହାଇବ୍ରିଡ୍, ସମାଧାନଭିତିକ ନିଷ୍କର୍ସ, ଇଟିଏଫ୍ ଏବଂ ଇଣ୍ଡେକ୍ସ ଫଣ୍ଡଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ।ଏହି ସ୍କିମ୍ ନିମଜ୍ଜନ ସଫଳତାର ସହ ସମ୍ପୂର୍ଣ୍ଣ ହେବା ପରିପ୍ରେକ୍ଷୀରେ ଏଲଆଇସିଁ ମ୍ୟୁଚୁଆଲ୍ ଫଣ୍ଡ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶ୍ରୀ ଟି.ଏସ୍.ରାମକ୍ରିଷ୍ଣନ ମନ୍ତବ୍ୟ ଦେଇ କହିଛନ୍ତି ଯେ ନ୍ତଏହା ହେଉଛି ଆମର ଯାତ୍ରାର ଏକ ମହତ୍ୱପୂର୍ଣ୍ଣ ମାଇଲ୍‌ଖୁଂଟି । ଯେହେତୁ ଆମ୍ଭେମାନେ ଭାରତରେ ମୁଖ୍ୟ ବଜାର ବ୍ୟାପୀ ନିବେଶ ଆବଶ୍ୟକତା ପୂରଣ କରିବା ପାଇଁ ଡାଇଭର୍ସିଫା ଏଡ୍‌ମ୍ୟୁଚୁଆଲ୍ ଫଣ୍ଡ ହାଉସ୍ ଭାବରେ ସେବା ପ୍ରଦାନ କରିବା ପାଇଁ ଆମର ସାମର୍ଥ୍ୟ ବୃଦ୍ଧି ଦିଗରେ କାର୍ଯ୍ୟ କରୁଛୁ । ଏହି ନିମଜ୍ଜନ ମିଡକ୍ୟାପ୍, ସ୍ମଲ୍‌କ୍ୟାପ୍, ଗୋଲ୍ଡ ଫଣ୍ଡ, ପ୍ୟାସିଭ୍ ଫଣ୍ଡ ମ୍ୟାନେଜମେଂଟ ବର୍ଗ ଇତ୍ୟାଦିରେ ଆମର ସ୍କିମ୍ ପ୍ରଦାନକୁ ଦୃଢ଼ୀଭୂତ କରିବାର ଲକ୍ଷ୍ୟ ପରିପୂରଣ ଦିଗରେ ସହାୟକ ହେବ । ଏହି ନିମଜ୍ଜନ ବା ମର୍ଜର ଆମକୁ ବ୍ୟାପକ ବଜାର ଉପସ୍ଥିତି ଉତ୍ପନ୍ନ କରିବାରେ ଏବଂ ଅଧିକ ବ୍ୟାପକ ପରିସରର ଉତ୍ପାଦର ସମାହାର ପ୍ରଦାନ କରିବାରେ ସାହାଯ୍ୟ କରିବ । ଏହି ମିଳିତ କ୍ଷମତା ଆମ୍ଭମାନଙ୍କୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଆସେଟ୍ ମ୍ୟାନେଜମେଂଟ ଶିଳ୍ପ କ୍ଷେତ୍ରରେ ଦେଖାଦେଉଥିବା ସୁଯୋଗଗୁଡ଼ିକୁ ହାସଲ କରିବା ଏବଂ ନିବେଶକ ତଥା ବିତରଣ ସହଯୋଗୀମାନଙ୍କ ପାଇଁ ମୂଲ୍ୟ ବୃଦ୍ଧି କରିବାରେ ସହାୟକ ହେବ ।'' ସେ ଏହା ସହିତ କହିଛନ୍ତି ଯେ ନ୍ତଆମର ଲକ୍ଷ୍ୟ ହେଉଛି ସମ୍ପତି ସୃଷ୍ଟି କରିବା ଏବଂ ମ୍ୟୁଚୁଆଲ୍ ଫଣ୍ଡ ବାଛିବା ପାଇଁ ଏକ ଭରସା ଯୋଗ୍ୟ ପାର୍ଟନର୍ ବା ସାଥି ପାଲଟିବା । ଆମର ଗତ ତିନି ଦଶନ୍ଧି ଧରି ଫଣ୍ଡ ପରିଚାଳନା କରିବାର ଟ୍ରାକ୍ ରେକର୍ଡ ଆମକୁ ନିବେଶକାରୀଙ୍କ ରଭରସା ଲାଭ କରିବାକୁ ସକ୍ଷମ କରିଛି । ଆମ୍ଭେମାନେ ଯଥେଷ୍ଟ ବିପଦ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବା ସହିତ ଦୀର୍ଘକାଳୀନ ପ୍ରଦର୍ଶନ ପ୍ରଦାନ କରିବା ଦିଗରେ ଧ୍ୟାନ କେନ୍ଦ୍ରିତ କରି କାର୍ଯ୍ୟ କରିବା ଜାରି ରଖିବୁ ।''

# ପରିବେଶବିତଙ୍କ ଅକାଳ ବିୟୋଗରେ ସ୍ମୃତିସଭା

ପାରାଦୀପ,(ପି.ଏନ): ପାରାଦୀପର ଜଣାଶୁଣା ପରିବେଶବିତ୍ ଡଃ. ଅୟସକାଂ ରାୟ(ପପି)ଙ୍କ ଅକାଳ ବିୟୋଗରେ ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଳିଓ ଶୋକସଭା ଆୟୋଜିତ ହୋଇଯାଇଛି ।ତେବେ ତାଙ୍କ ପରିବାର ପକ୍ଷରୁ ତାରେଣିଗଡା ସ୍ଥିତ ନିଜ ବାସଭବନ ପରିସରରେ ବୁଧବାର ଦିନ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା । ସ୍ୱର୍ଗତ ଅୟସକାଂଙ୍କ ବଡଭାଇ ତଥା ପାରାଦୀପ ବନ୍ଦରର ଶ୍ରମିକ ନେତା ଶ୍ରୀକାଂ ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ବିଜେପି ନେତା ସମ୍ପଦ ସ୍ୱାଇଁ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ଉତ୍କଳ ସାହିତ୍ୟ ସମାଜର ସଦସ୍ୟ ବିଶ୍ୱଜିତ ଦାସ, ସାମାଜସେବୀ ନାରାୟଣ ସାହୁପ୍ରମୁଖଙ୍କ ସମେତ ବହୁବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଅୟସକାଂଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରି ତାଙ୍କର ସ୍ମୃତିଚାରଣ କରିଥିଲେ । ପାରାଦୀପରେ ପରିବେଶ ସୁରକ୍ଷା ନିମନ୍ତେ ନିରବଚ୍ଛିନ୍ନଭାବେ ବ୍ୟାପକ ବୃକ୍ଷରୋପଣ ଓ ଆକର୍ଷଣୀୟ ଜନ ସଚେତନତା ସୃଷ୍ଟି କରି ଅୟସକାନ୍ତ ସାଧାରଣରେ ଆଦର୍ଶ ପାଲଟିଥିଲେ ବୋଲି ସ୍ମୃତି ସଭାରେ ବକ୍ତା ମାନେ ଭାବବିହ୍ୱଳ ସହ କହିଥିଲେ ।

# ଆଇସିଆଇସିଆଇ ପ୍ରୁ ପ୍ରୋଟେକ୍ଟ ଏନ୍ ଗେନ୍‌ର ଶୁଭାରମ୍ଭ

ସମ୍ବଲପୁର, (ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ପାଦ ଆଇସିଆଇସିଆଇ ପ୍ରୁ ପ୍ରୋଟେକ୍ଟ ଗେନ୍‌ର ଶୁଭାରମ୍ଭ କରାଯାଇଛି ଯାହା ଏକ ବିସ୍ତୃତ ଲାଇଫ୍ ଇନ୍ସୁରାନ୍ସ କଭର୍, ଦୁର୍ଘଟଣା କାରଣରୁ ହେଉଥିବା ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତା ବିରୋଧରେ ସୁରକ୍ଷା ଏବଂ ଦୀର୍ଘାବଧି ସମ୍ପତି ସୃଷ୍ଟି କରିବା ଓ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ବଜାର-ସଂଯୋଜିତ ରିଟର୍ଣ୍ଣ ପ୍ରଦାନ କରୁଛି । ଏହି ଉତ୍ପାଦ ବାର୍ଷିକ ପ୍ରିମିୟମର ୧୦୦ ଗୁଣ ପର୍ଯ୍ୟନ୍ତ ଲାଇଫ୍ ଇନ୍ସୁରାନ୍ସ କଭର୍ ପ୍ରଦାନ କରୁଛି ଏବଂ ଗ୍ରାହକଙ୍କୁ ଚୟନ କରିବା ପାଇଁ ଇକ୍ୱିଟି ଓ ଡେବ୍ଟ ମଧ୍ୟରେ ପରିବ୍ୟାପ୍ତ ୧୮ଟି ଫଣ୍ଡ ବିକଳ୍ପ ପ୍ରଦାନ କରି ରିଟର୍ଣ୍ଣକୁ ସର୍ବାଧିକ କରିବା ଲାଗି ସକ୍ଷମ କରୁଛି । ଏହା ବୀମା ଅବଧି ସମୟରେ ପରିବାର ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସୁରକ୍ଷା ଏବଂ ଜୀବିତାବସ୍ଥାରେ ନିଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଶି ସୁନିଶ୍ଚିତ କରି ଗ୍ରାହକଙ୍କୁ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ସୁରକ୍ଷା ଓ ଦୀର୍ଘାବଧି ସଂଚୟର ଉପଯୁକ୍ତ ସମ୍ମିଶ୍ରଣ ପ୍ରଦାନ କରୁଛି । ଏହାବ୍ୟତୀତ କମ୍ପାନୀ ପକ୍ଷରୁ କ୍ରୟ ପ୍ରକ୍ରିୟାକୁ ସରଳ କରାଯାଇଛି ଯାହା ଅନୁଯାୟୀ ବୀମାଗୁଡିକୁ ଘୋଷିତ ଆୟ ଆଧାରରେ ଜାରି କରାଯାଇପାରିବ । ବିଶେଷ କରି ୪୫ ବର୍ଷରୁ କମ୍ ବୟସର ଗ୍ରାହକଙ୍କ ପାଇଁ କୌଣସି ପ୍ରକାରର ଶାରୀରିକ ଡାକ୍ତରୀ ପରୀକ୍ଷଣ କରିବାର ଆବଶ୍ୟକତା ପଡିନଥାଏ । ଦୁର୍ଘଟଣା କାରଣରୁ ବୀମାଧାରକଙ୍କର ମୃତ୍ୟୁ ଘଟିଲେ କିମ୍ବା ସ୍ଥାୟୀ ଅକ୍ଷମତା ସୃଷ୍ଟି ହେଲେ ହିତାଧିକାରୀ ବା ନୋମିନିଙ୍କୁ ଲାଇଫ୍ କଭର୍ କିମ୍ବା କ୍ଲେମ୍ ରାଶିକୁ ମୋଟ୍ ରାଶି ଭାବେ ପଇଠ କରାଯିବ, ଯାହା ପରିବାର ଯେପରି ଆର୍ଥିକ ରୂପେ ଦୁର୍ବଳ ନହୁଏ ତାହା ସୁନିଶ୍ଚିତ କରିଥାଏ ।ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ୍ ପାଲ୍‌ଟା କହିଛନ୍ତି, 'ଆମେ ଆଇସିଆଇସିଆଇ ପ୍ରୁ ପ୍ରୋଟେକ୍ଟ ଏନ୍ ଗେନ୍ ନାମକ ଏକ ସ୍ୱତନ୍ତ୍ର ଉତ୍ପାଦର ଶୁଭାରମ୍ଭ କରି ଆନନ୍ଦିତ ଯାହା ଗ୍ରାହକଙ୍କୁ ବାର୍ଷିକ ପ୍ରିମିୟମର ୧୦୦ ଗୁଣ ପର୍ଯ୍ୟନ୍ତ ଲାଇଫ୍ କଭର୍ ପ୍ରଦାନ କରୁଛି ଯାହା କୌଣସି ପ୍ରକାରର ସମ୍ଭାବ୍ୟ ଘଟଣା ଘଟିଲେ ଗ୍ରାହକଙ୍କ ଆର୍ଥିକ ସଂଚୟ ଲକ୍ଷ୍ୟକୁ ସୁରକ୍ଷିତ ରଖିଥାଏ । ଏହି ଉତ୍ପାଦ ବଜାର-ସଂଯୋଜିତ ରିଟର୍ଣ୍ଣ ଦେଉଥିବା ବେଳେ ନିବେଶ କରାଯାଇଥିବା ପ୍ରିମିୟମ ବୀମା ଅବଧି ଶେଷ ହେବା ପରେ ଗ୍ରାହକଙ୍କୁ ଏକ ବଡ ରାଶି ପ୍ରଦାନ କରିପାରେ । ପିଲାମାନଙ୍କ ଭବିଷ୍ୟତର ଶିକ୍ଷା କିମ୍ବା ଅବସର ପାଇଁ ସଂଚୟ ଭଳି ସ୍ୱତନ୍ତ୍ର ଆର୍ଥିକ ଲକ୍ଷ୍ୟଗୁଡିକ ପାଇଁ ଯୋଜନା ସାଲିସ୍‌ବିହୀନ ଲକ୍ଷ୍ୟ ଅଟେ ଏବଂ ଏହା ପ୍ରଚଳିତ ବଜାର ସ୍ଥିତି ଉପରେ ଆଧାର କରି ଇକ୍ୱିଟି ଓ ଡେବ୍ଟ ପ୍ରତି ଏକ୍ସପୋଜରକୁ ଚୟନ କରିବା ଲାଗି ନମନୀୟତା ସହିତ ଦୀର୍ଘାବଧି ନିବେଶ ଆବଶ୍ୟକ କରିଥାଏ । ଆମେ ବିଶ୍ୱାସ କରୁଛୁ ଯେ, ଏହି ଉତ୍ପାଦ ସୁରକ୍ଷାର ଦ୍ୱୈତ ଲାଭ ପ୍ରଦାନ କରୁଛି ଏବଂ ସମ୍ପତି ସୃଷ୍ଟି ଗ୍ରାହକଙ୍କ ମୌଳିକ ଆବଶ୍ୟକତା ଯେପରିକି ସୁରକ୍ଷା ଓ ଦୀର୍ଘାବଧି ସଂଚୟକୁ ପୂରଣ କରୁଛି ।

# ଆମେଜଭ୍ୱିଟ୍‌ର ୩ୟ ସଂସ୍କରଣର ଆୟୋଜନ କରିଛି ଆମାଜନ ଇଣ୍ଡିଆ

ଭୁବନେଶ୍ୱର, (ପି.ଏନ): ଟେକ୍ନୋଲୋଜି ଦୁନିଆରେ ମହିଳାଙ୍କୁ ଅପ୍‌ସ୍କିଲ୍ କରିବା ଓ ସେମାନଙ୍କ ପାଇଁ ସାର୍ଥକ ସୁଯୋଗ ପ୍ରଦାନ କରିବା ପାଇଁ ଆମାଜନର ପ୍ରତିବଦ୍ଧତା ସହିତ ଜଡିତ ହୋଇ ଆମାଜନ ବେଙ୍ଗାଲୁରୁଠାରେ ଏହାର ଆମାଜନ ଓ୍ୱମେନ ଇନ୍ ଟେକ୍ନୋଲୋଜି- ଆମେଜ୍‌ଓ୍ୱିଟ୍ କନ୍‌ଫରେନ୍ସର ୩ୟ ସଂସ୍କରଣର ଆୟୋଜନ କରିଛି । ଏହି ଦିନିକିଆ ସମ୍ମିଳନୀ ସ୍ୱତନ୍ତ୍ର ଅଧିବେଶନ, ସର୍ବୋତମ ଅଭ୍ୟାସଗୁଡିକର ଆଦାନପ୍ରଦାନ, ସୁଯୋଗଗୁଡିକ ପାଇଁ ମାର୍ଗଦର୍ଶନ ପ୍ରଦାନ ଓ ସେମାନଙ୍କ ନେଟ୍‌ଓ୍ୱର୍କ ବିସ୍ତାର ମାଧ୍ୟମରେ ମହିଳାମାନଙ୍କୁ ଅଭିନବ ଟେକ୍ନୋଲୋଜି ଓ ବୃତିଗତ ବିକାଶ ସମ୍ପର୍କରେ ଶିଖିବା ପାଇଁ ସଶକ୍ତ କରିବା ସହ ସୁଯୋଗ ପ୍ରଦାନ କରୁଛି । 'ଏମ୍‌ପାଓ୍ୱାରିଂ ଇନ୍‌କ୍ଲୁଜନ - ଫଷ୍ଟରିଙ୍ଗ ବିଲଙ୍ଗିଙ୍ଗ୍' ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକ୍ରମ ଟେକ୍ନୋଲୋଜି ଶିଳ୍ପର ମହିଳାମାନଙ୍କୁ ପ୍ରେରଣାଦାୟକ ଉଦାହରଣ ଓ ଅନୁଭୂତିଗୁଡିକ ମାଧ୍ୟମରେ ଶିଖିବାକୁ ସମର୍ଥ କରିଛି । ଏହି ସମ୍ମିଳନୀରେ ବିଚାର-ଉଦ୍ରେକକାରୀ ସମ୍ବୋଧନ, ନିୟୋଜିତ ଏଜେଣ୍ଡା, ଆମାଜନ ଲିଡର ଏବଂ ଟେକ୍ନୋଲୋଜି ଦୁନିଆର ସଫଳ ମହିଳାମାନଙ୍କ ଦ୍ୱାରା ଟେକ୍ନୋଲୋଜି ସମ୍ପର୍କିତ ଆଲୋଚନା , ତଥ୍ୟପୂର୍ଣ୍ଣ ଫାୟାରସାଇଡ୍ ଚାଟ୍ ଓ ନେଟ୍‌ଓ୍ୱର୍କିଙ୍ଗ ସୁଯୋଗ ଆଦି ସାମିଲ ଥିଲା । ଆମେଜ୍‌ଓ୍ୱିଟ୍ ଅନ୍ତର୍ଭୁକ୍ତୀକରଣ ଓ ସମ୍ପୃକ୍ତି ଭଳି ବିଷୟବସ୍ତୁ, ଆମାଜନରେ ଅତ୍ୟାଧୁନିକ ଉଭାବନଗୁଡିକର ବଳୟକୁ ଆବିଷ୍କାର କରିବା, ସମାବେଶୀ ଟେକ୍ ଫାର୍ମ ନିର୍ମାଣ କରିବା, ମେଶିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସ, ଆମାଜନ ପେ' ପଛରେ ଥିବା ଟେକ୍ନୋଲୋଜି ଆଦି ପ୍ରସଙ୍ଗ ଉପରେ ଅଧିବେଶନର ଆୟୋଜନ କରିଥିଲା ।ଏସମ୍ପର୍କରେ ଆମାଜନ ଇଣ୍ଡିଆ ଓ ଏମର୍ଜିଙ୍ଗ୍ ମାର୍କେଟ୍‌ସ ବିଭାଗର ବରିଷ୍ଠ ଉପସଭାପତି ଅମିତ ଅଗ୍ରୱାଲ କହିଛନ୍ତି, 'ମୁଁ ଆମେଜ୍‌ଓ୍ୱିଟ୍ ସହିତ ମୋର ସହଭାଗିତାର ଅଂଶ ଭାବେ ଶିଳ୍ପର ଅନେକ ମହିଳା ଟେକ୍ନୋଲୋଜି ଲିଡରଙ୍କଠାରୁ ଶୁଣିଥିବା କାହାଣୀଗୁଡିକ ଦ୍ୱାରା ଅନୁପ୍ରାଣିତ ହୋଇଛି । ରୂପାନ୍ତରଣ ଉନ୍ମୋଚନ ହେବା ସହିତ ଆମେଜ୍‌ଓ୍ୱିଟ୍ ଭଳି ପ୍ଲାଟ୍‌ଫର୍ମଗୁଡିକ କିଭଳି ବିଚାରଧାରାକୁ କାର୍ଯ୍ୟକାରୀ କରିବା, ସୂଚନା ବାଂଟିବା ଓ ଅନୁପ୍ରାଣିତ ହେବା ପାଇଁ ଏକ ଉତ୍‌ପ୍ରେରକ ହୋଇପାରେ ତାହାକୁ ନେଇ ମୁଁ ଉତ୍ସାହିତ ରହିଛି ।' ଆମେଜ୍‌ଓ୍ୱିଟ୍ ସମ୍ମିଳନୀ ୨୦୨୩ ଟେକ୍ ଲିଡର୍, ସଫ୍ଟୱେୟାର ଡେଭ୍‌ଲପ୍‌ମେଂଟ୍ ଇଞ୍ଜିନିୟରମାନଙ୍କ ଭୂମିକାରେ ମହିଳା, ଟେକ୍ନିକାଲ ପ୍ରୋଗ୍ରାମ ମ୍ୟାନେଜର୍, ବିଜନେସ୍ ଇଂଟେଲିଜେନ୍ସ ଇଞ୍ଜିନିୟରଙ୍କ ସମେତ ୪୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିଛି । ଆମେଜଜ୍‌ଓ୍ୱିଟ୍ କନ୍‌ଫରେନ୍ସ ସମ୍ପର୍କରେ ଆମାଜନ ଷ୍ଟୋର୍‌ସ- ଇଣ୍ଡିଆ, ଜାପାନ ଓ ଏମର୍ଜିଂ ମାର୍କେଟ୍‌ର ପିପୁଲ ଏକ୍ସପେରିଏନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗର ଭିପି ଦୀପ୍ତି ବର୍ମା କହିଛନ୍ତି, 'ଆମାଜନରେ ଆମେ ଏକ ଅଧିକ ବିବିଧ ଓ ସମାବେଶୀ କାର୍ଯ୍ୟସ୍ଥଳୀ ସୃଷ୍ଟି କରିବାର ମହତ୍ୱକୁ ସ୍ୱୀକୃତି ଦେଉଥାଉ ଏବଂ ବିଶ୍ୱାସ କରୁ ଯେ, ଆମେଜ୍‌ଓ୍ୱିଟ୍ ଭଳି କାର୍ଯ୍ୟକ୍ରମଗୁଡିକ ଏହି ଉଦ୍ଦେଶ୍ୟକୁ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ମହିଳାମାନେ ବିବିଧ ଦୃଷ୍ଟିକୋଣ, ସୃଜନଶୀଳତା ଓ ଗୁରୁତ୍ୱପୂର୍ଣ୍ଣ ବିଚାରଧାରା ଉପସ୍ଥାପନ କରିଥାନ୍ତି, ଯାହାକି ଉତ୍ପାଦ ଓ ଟେକ୍ନୋଲୋଜିଗୁଡିକୁ ଉଭାବନ କରିବା ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଏ । ଆମେଜଓ୍ୱିଟ୍ ମାଧ୍ୟମରେ ଆମେ ଟେକ୍ନୋଲୋଜି ସମୁଦାୟର ମହିଳାମାନଙ୍କୁ ସଶକ୍ତ ଓ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଶିଖିବା, ଆଗକୁ ବଢିବା ଓ ଏକ ପରିବର୍ତନ ସୃଷ୍ଟି କରିବା ପାଇଁ ଏହି ସ୍ୱତନ୍ତ୍ର ସୁଯୋଗରେ ଅଂଶଗ୍ରହଣ କରିବା ପାଇଁ ଏକ ମଂଚ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ।

# ଏଡବ୍ଲ୍ୟୁଏସ୍ ଓ ଆକ୍‌ସେଲ୍ ପକ୍ଷରୁ ଏମ୍‌ଏଲ୍ ଏଲିଭେଟ୍ ୨୦୨୩ର ଘୋଷଣା

ଭୁବନେଶ୍ୱର,(ପି.ଏନ): ଆମାଜନ ଓ୍ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ଓ ଭେଂଚର୍ କ୍ୟାପିଟାଲ ଫାର୍ମ ଆକ୍‌ସେଲ୍ ପକ୍ଷରୁ ଏକ ୬ ସପ୍ତାହର ଆକ୍‌ସିଲରେଟର୍ ପ୍ରୋଗ୍ରାମ ଏମ୍‌ଏଲ୍ ଏଲିଭେଟ୍ ୨୦୨୩ର ଘୋଷଣା କରାଯାଇଛି ଯାହା ଜେନେରେଟିଭ୍ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ଆପ୍ଲିକେଶନଗୁଡିକୁ ନିର୍ମାଣ କରୁଥିବା ଷ୍ଟାର୍ଟଅପ୍‌ଗୁଡିକୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି । ଏମ୍‌ଏଲ୍ ଏଲିଭେଟ୍ ଜେନେରେଟିଭ୍ ଏଆଇ ଷ୍ଟାର୍ଟଅପ୍‌ଗୁଡିକୁ ପ୍ରଭାବୀ ଏଆଇ ମଡେଲ୍ ଓ ଟୁଲ୍, ବିଜ୍‌ନେସ୍ ଓ ଟେକ୍ନିକାଲ ମେଂଟରସିପ୍, କ୍ୟୁରେଟେଡ୍ ରିସୋର୍ସ, ଏଡବ୍ଲ୍ୟୁଏସ୍ ଆକ୍ଟିଭେଟ୍ ପ୍ରୋଗ୍ରାମ ଏବଂ ଏଡବ୍ଲ୍ୟୁଏସ୍ କ୍ରେଡିଟ୍‌ରେ ୨ ଲକ୍ଷ ଡଲାର ପର୍ଯ୍ୟନ୍ତ ପ୍ରଦାନ କରି ସେମାନଙ୍କୁ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି । ଅନ୍ୟାନ୍ୟ ଲାଭଗୁଡିକ ମଧ୍ୟରେ ଅଗ୍ରଣୀ ଏଆଇ ଓ ଏମ୍‌ଏଲ୍ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନଙ୍କ ଏକ ସମୁଦାୟଠାରୁ ସହ ସମର୍ଥନ ଏବଂ ଆମାଜନ ସେଜ୍‌ମେକର୍ ଜମ୍ପଷ୍ଟାର୍ଟ ଉପରେ ପ୍ରଡକ୍ସନ-ରେଡି ଜେନେରେଟିଭ୍ ଏଆଇ ଆପ୍ଲିକେଶନଗୁଡିକୁ ବିସ୍ତାର କରିବା ପାଇଁ ସୁଯୋଗ ଆଦି ସାମିଲ ରହିଛି ।ଏସମ୍ପର୍କରେ ଆମାଜନ ଓ୍ୱେବ୍ ସର୍ଭିସେସ୍ ଇଣ୍ଡିଆ ପ୍ରା.ଲିଃରେ ଏଡବ୍ଲ୍ୟୁଏସ୍ ଇଣ୍ଡିଆ ଓ ସାଉଥ୍ ଏସିଆର ନିର୍ଦ୍ଦେଶକ ବୈଶାଳୀ କସ୍ତୁରୀ କହିଛନ୍ତି, 'ଜେନେରେଟିଭ୍ ଏଆଇ ବିଶ୍ୱବ୍ୟାପୀ ବ୍ୟବସାୟଗୁଡିକୁ ବୈପ୍ଲବିକ ଓ ରୂପାନ୍ତର କରିବା ପାଇଁ ଏକ ଅପ୍ରତ୍ୟାଶିତ ସୁଯୋଗ ପ୍ରଦାନ କରୁଛି । ଏମ୍‌ଏଲ୍ ଏଲିଭେଟ୍ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ଶିଳ୍ପ-କୈନ୍ଦ୍ରିକ ସମାଧାନ ବିକଶିତ କରିବା ଏବଂ ଡିଜିଟାଲ ଅର୍ଥନୀତିକୁ ପରିଚାଳନା କରିବା ପାଇଁ ଉଭାବନ କରିବା ଲାଗି ଜେନେରେଟିଭ୍ ଏଆଇ ଷ୍ଟାର୍ଟଅପ୍‌ଗୁଡିକୁ ସହଯୋଗ କରିବା । ଆମେ ବୃହତ୍ ବିଚାରଧାରା ଥିବା ନିର୍ମାତାଙ୍କଠାରୁ ଆବେଦନ ଆମନ୍ତ୍ରିତ କରିବା ଏବଂ ଭାରତରେ ଜେନେରେଟିଭ୍ ଏଆଇ ଷ୍ଟାର୍ଟଅପ୍‌ଗୁଡିକର ବର୍ଦ୍ଧିତ ସମୁଦାୟକୁ ସହଯୋଗ କରିବା ପାଇଁ ଆକ୍‌ସେଲ୍ ସହିତ ସହଭାଗିତା କରି ଉତ୍ସାହିତ ରହିଛୁ ।'ସେହିପରି ଆକ୍‌ସେଲ୍‌ର ପାର୍ଟନର୍ ପ୍ରୟଙ୍କ ସ୍ୱରୁପ କହିଛନ୍ତି, 'ଆମେ ଏଲଏଲ୍‌ଏମ୍, ଏଲଏଲ୍‌ଏମ୍‌ଓପିଏସ, ଏମ୍‌ଏଲ୍ ମଡେଲ୍ ଓ ଜିପିୟୁ କମ୍ପ୍ୟୁଟ୍ କ୍ଷେତ୍ରରେ ଉଭାବନର ଏକ ବର୍ଦ୍ଧିତ ବେଗ ପରିଲକ୍ଷିତ କରୁଛୁ । ଏମ୍‌ଏଲ୍ ଏଲିଭେଟ୍ ଜେନେରେଟିଭ୍ ଏଆଇ ସ୍ପେସ୍ ନିର୍ମାଣ କରୁଥିବା ଉଦ୍ୟୋଗୀ ଓ ଷ୍ଟାର୍ଟଅପ୍‌ଗୁଡିକ ପାଇଁ ଏକ ଉନ୍ନତ ସୁଯୋଗ ପ୍ରଦାନ କରୁଛି । ଏହା ଗତବର୍ଷ ଏମ୍‌ଏଲ୍ ଏଲିଭେଟ୍‌ରେ ସହଭାଗିତା କରିବା ଖୁବ୍ ଉନ୍ନତ ଥିଲା ଏବଂ ଆମେ ଚଳିତ ବର୍ଷ ମଧ୍ୟ ଏଡବ୍ଲ୍ୟୁଏସ୍ ଓ ମନୋନିତ ଷ୍ଟାର୍ଟଅପ୍‌ଗୁଡିକ ସହ କାର୍ଯ୍ୟ କରିବା ପାଇଁ ଉତ୍ସାହିତ ରହିଛୁ ।'

# ପାରାଦୀପରେ ଅବିଶ୍ରାନ୍ତ ବର୍ଷାରେ ଚାଲିଛି ସ୍କୁଲ ! ଟ୍ରାଫିକ ଅବ୍ୟବସ୍ଥା ଯୋଗୁଁ ରାସ୍ତା ଜାମ

ପାରାଦୀପ,(ପି.ଏନ): ଦୁଇଦିନ ଧରି ଲାଗିରହିଥିବା ଅବିଶ୍ରାନ୍ତ ବର୍ଷାରେ ଅସ୍ତବ୍ୟସ୍ତ ହେଲେଣି ପାରାଦୀପ ସହରବାସୀ । ପାଣିପାଗ ସୂଚନା ଅନୁଯାୟୀ ଆଉ ଦୁଇ ରୁ ତିନି ଦିନ ଧରି ଲାଗିରହିବ ପ୍ରବଳ ବର୍ଷା । ତେବେ ଏହି ଲଗାଣ ବର୍ଷା ବିଭିନ୍ନ କାର୍ଯ୍ୟ ଉପରେ ପ୍ରଭାବ ପକାଇଥିବା ବେଳେ ଏହା ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନଙ୍କ ଉପରେ ମଧ୍ୟ ଘୋର ପ୍ରଭାବ ପକାଇଥିବା ପରିଲକ୍ଷିତ ହୋଇଛି । ସକାଳ ଓ ମଧ୍ୟାହ୍ନରେ ପିଲାଙ୍କୁ ନେବା ଆଣିବା ପାଇଁ ବହୁ ଅଭିଭାବକ ନିଜ ଦୁଇଚକିଆ ଯାନରେ ପିଲାଙ୍କୁ ବର୍ଷାରେ ବିପଦ ଜନକ ଭାବେ ନେଉଥିବା ଏବଂ ବହୁ ଛାତ୍ରଛାତ୍ରୀ ବର୍ଷାରେ ଭିଜୁଥିବା ମଧ୍ୟ ଦେଖିବାକୁ ମିଳୁଛି । ସେହିପରି ବସଷ୍ଟାଣ୍ଡ ନିକଟସ୍ଥ ଡିଏଭି ସ୍କୁଲ ଓ ବେଥାନୀ ସ୍କୁଲ ନିକଟରେ ଥିବା ମୁଖ୍ୟ ବ୍ୟସ୍ତବହୁଳ ରାସ୍ତାରେ ଟ୍ରାଫିକ ଅବ୍ୟବସ୍ଥା ଓ ପାର୍କିଙ୍ଗ ଅଭାବ ଯୋଗୁଁ ଦୀର୍ଘ ସମୟ ଧରି ଜାମ ଲାଗି ରହୁଛି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Thursday August 03, 2023 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୦୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶକୁ ଓଡ଼ିଶାରେ ପାଳନ ନ ହେବା ହେତୁ ମହାମହିମ ରାଷ୍ଟ୍ରପତିଙ୍କୁ ଅନୁରୋଧ



ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ସାଧାରଣ ବିଦ୍ୟାଳୟ ରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ମାନ୍ୟବର ସୁପ୍ରିମକୋର୍ଟ ୨୦୨୧ ମସିହା ଅକ୍ଟୋବର ୨୮ ମସିହାରେ ନିର୍ଦ୍ଦେଶ ଦେଇଥିଲେ।ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ୨୧.୦୭.୨୦୨୨ ତାରିଖ ଦିନ ପୁନଶ୍ଚ ରାୟ ର ଶୁଣାଣି କରି କହିଛନ୍ତି ଯେ,ପ୍ରାଥମିକ ବିଦ୍ୟାଳୟରେ ୧୦ ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କ ପାଇଁ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ ଓ ଉଚ୍ଚ ପ୍ରାଥମିକ,ମାଧ୍ୟମିକ,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ୧୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ସ୍ଥିର କରିଛନ୍ତି ଏବଂ ଯଦି ଗୋଟେ ବିଦ୍ୟାଳୟରେ ଗୋଟିଏ ବି ଭିନ୍ନକ୍ଷମ ପିଲା ଅଛି ସେଠି ଜଣେ ସ୍ୱତନ୍ତ୍ର ଶିକ୍ଷକ ଦବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ଏହି ନିର୍ଦ୍ଦେଶକୁ ଦୀର୍ଘ ୨୦ ମାସ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ବିଜ୍ଞାପନ ବାହାରିନାହିଁ ଏବଂ ମାନ୍ୟବର ସୁପ୍ରିମକୋର୍ଟ ରେ ଅଦାଲତ ଅବମାନନା କେସ୍ ହୋଇଥିବା ସତ୍ତ୍ୱେ ତାହାକୁ କାର୍ଯ୍ୟକାରୀ କରାଯାଇନାହିଁ।ଏହି ପରିପ୍ରେକ୍ଷୀରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟାଙ୍କୁ ଆମ ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ ସାକ୍ଷାତ କରି ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଓଡ଼ିଶାରେ କାର୍ଯ୍ୟକାରୀ କରି ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ବାହାରିବା ପାଇଁ ଆଲୋଚନା କରିବା ସହ ଅନୁରୋଧ କରିଥିଲେ।ଓଡ଼ିଶାର ସାଧାରଣ ବିଦ୍ୟାଳୟ ରେ ୧ ଲକ୍ଷ ୪୬ ହଜାର ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଶିକ୍ଷା ଗ୍ରହଣ କରୁଛନ୍ତି ଏବଂ ସେହି ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷା ଦାନ କରିବା ପାଇଁ ଭାରତୀୟ ପୁନର୍ବାସ ପରିଷଦ ରେ ଓଡ଼ିଶାର ୬୦୦୦ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ନାମ ପଞ୍ଜିକରଣ କରି ବେରୋଜଗାରି ହୋଇ ଅଛନ୍ତି। ଓଡ଼ିଶାରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେଲେ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ଉପକୃତ ହେବା ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ଉତ୍ତମ ଶିକ୍ଷା ପାଇ ? ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ସଂଘ ଆଶାବ୍ୟକ୍ତ କରିଛି।

## ସିଭିଲ କୋର୍ଟ ପରିସରରେ ସ୍ପେଶାଲ୍ ଜଜ୍‌ଙ୍କ ପେପରଲେସ୍ କୋର୍ଟ ଉଦଘାଟିତ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ସିଭିଲ୍ କୋର୍ଟ ପରିସରରେ ଆଜି ସକାଳ ୯ଟା ୩୦ ମିନିଟ ସମୟରେ ସ୍ପେଶାଲ ପେପରଲେସ୍ କୋର୍ଟ ଉଦ୍ଘାଟିତ ହୋଇଯାଇଛି । ଆଭାସି ମାଧ୍ୟମରେ ଏହାକୁ ଉଦଘାଟନ କରିଛନ୍ତି ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଡ.ଜଷ୍ଟିସ୍ ଏସ୍. ମୁରଲୀଧର, ବଲାଙ୍ଗିର ସିଭିଲ୍ କୋର୍ଟ ପରିସରରୁ ଜିଲ୍ଲା ଓ ଦୌରାଜଜ୍ ଲାଲାଟେନ୍ଦୁ ଜେନା, ସ୍ପେଶାଲ ଜଜ୍ (ଭିଜିଲାନ୍ସ) ମଳୟ ରଞ୍ଜନ ଦାଶ, ସିଭିଲ୍ କୋର୍ଟ ରେଜିଷ୍ଟାର ଚରଣଜିତ୍ ଓରାମ୍ ଓ ଅନ୍ୟାନ୍ୟ ବିଚାରପତି ପ୍ରମୁଖ ଯୋଗ ଦେଇଥିଲେ ।ପ୍ରକାଶ ଥାଉକି, ଓଡିଶାର ୭ଟି ଜିଲ୍ଲାରେ ୫୦ଟି କୋର୍ଟକୁ ପେପରଲେସ୍ କରାଯାଇଛି । ସିଷ୍ଟମ ଅଫିସର ଅନିଲ ଦାସ୍, ସିଷ୍ଟମ ଆସିଷ୍ଟାଂଟ ହିମାଂଶୁ ରାଏ, କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟ, ଉପପ୍ରଶାସକ ଶୁଭ୍ରାଂଶୁ ବାଗ, ସହକାରୀ ପ୍ରଶାସକ ସୁବ୍ରତ କୁମାର ମିଶ୍ର, ସୁଜିତ କୁମାର ସ୍ୱାଇଁ, ଭି.ସି. କୋଡିନେଟର୍ କିରଣ ପ୍ରଧାନ ଓ ହର୍ଷବର୍ଦ୍ଧନ ସିଂଦେଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଫେଵର ବ୍ଲକ ରାସ୍ତା ନିମ୍ନମାନ କାମର ପଦାରେ ପଡ଼ିଛି



ହିଞ୍ଜିଳିକାଟୁ,(ପି.ଏନ):ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରପରିସଦ ଅନ୍ତର୍ଗତ ଘୋଡାହାଡ଼ ସେତୁ ପାର୍ଶ୍ୱ ରାସ୍ତା କୁ ସଂଯୋଗ କରୁଥିବା ସିମେଣ୍ଟ ରୋଡ ଓ ସୌନ୍ଦର୍ଯ୍ୟ ପାଇଁ ବ୍ୟବହାର ହୋଇଥିବା ଫେଵର ବ୍ଲକ ରାସ୍ତା ନିମ୍ନମାନ କାମର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଅଟେ। ପ୍ରାୟ ୩୩ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଏହି ରାସ୍ତା ନିର୍ମାଣ ସରିବାର ପ୍ରାୟ ତିନି ମାସ ନ ହେଉଣୁ ରାସ୍ତା ସାରା ଖାଲ ହେବା ସହ ଫେଵର ବ୍ଲକ ଦବି ପାର୍ଶ୍ୱରେ ଡ୍ରେନରେ ସୁରକ୍ଷା ପାଚେରୀ ସହ ଭାଙ୍ଗି ପଡିଛି। ଜଳସେଚନ ଅଧୀନରେ ଥିବା ଏହି ରାସ୍ତା ଫାଟି ଆଁ କଲାଣି। ଏହି ପରିପ୍ରେକ୍ଷୀରେ ଏହାର ଗୁଣାତ୍ମକ ମାନ କେଉଁ ସ୍ତରର ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।ଏବଂ ସ୍ଥାନୀୟ ଲୋକମାନେ କହିଛନ୍ତି ଆମେ କେମେରା ସମୁଖରେ କହିବୁ ନାହିଁ କାରଣ ଏହା ମୁଖ୍ୟମନ୍ତ୍ରୀ ନିର୍ବାଚନ ମଣ୍ଡଳୀ ଅଟେ ହେଲେ ଏଠି ପ୍ରଶ୍ନ ଉଠେ ତିନି ମାସ ନହେଉଣୁ ରାସ୍ତା ଫାଟିଯିବା ଏବଂ ଫେଵର ବ୍ଲକ ରେ ମଧ୍ୟ ଫାଟ ଦେଖାଦେଇଥିବାରୁ ଜନସାଧାରଣରେ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ସହ ସହ ଚାଷୀ ପରିବା ବୋଝେଇ ଲୋଡ଼ ଅଟୋ ଏବଂ ପାଲିକୁ ଆସୁଥିବା ବଡ ଟ୍ରକ ସବୁ ସମୟରେ ଯାତାୟାତ କରୁଥିବାରୁ ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି।ରାସ୍ତା ଦବି ଯାଇଥିବା ସ୍ୱତ୍ୱେ ମଧ୍ୟ ବିପଦ ମୂଳକ ସୂଚନା ଫଳକ ନ ଲଗାଇ ଲୋକଙ୍କୁ ଅନ୍ଧକାର ରେ ରଖା ଯାଇଛି।ଯଦି ବଡ ଧରଣର ଦୁର୍ଘଟଣା ହେବ ଦାୟୀ କିଏ ରହିବ !ସାଧାରଣ ଲୋକଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା କରୁଥିବାବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକା, ପ୍ରିୟ ପ୍ରୀତି ଯୋଗୁ ସାଧାରଣ ଲୋକେ ନାହିଁ ନଥିବା ହିନସ୍ତା ହେଉଥିବା ଅଭିଯୋଗ ହୋଇଛି।ଏନେଇ ସ୍ଥାନୀୟ ଜେଇଙ୍କ ସହ ଯୋଗାଯୋଗ କରିବା ଦ୍ୱାରା ମୋବାଇଲ ଅଫ ରଖିଛନ୍ତି କେବେ ଏହି ରାସ୍ତା ର ମରାମତି କାର୍ଯ୍ୟ ଆରମ୍ଭ ହେବ ସ୍ଥାନୀୟ ବାସିନ୍ଦା ଆଶଙ୍କାରେ ଅଛନ୍ତି

## ବିଲେଇସର୍ଡା ଗାଁରେ ବଜ୍ରାଘାତରେ ମହିଳା ମୃତ

ବଲାଙ୍ଗିର, (ପି.ଏନ): ଆଜି ସକାଳୁ ବର୍ଷା ଲାଗି ରହିଥିବା ବେଳେ ପ୍ରଖର ବଜ୍ରାଘାତରେ ଟଳି ପଡିଲେ ଛବିଶ ବର୍ଷୀୟା ରିତା ଷାଣ୍ଡ। ବଲାଙ୍ଗୀର ଜିଲ୍ଲା ପୁଇଁତଳା ବ୍ଲକ୍ ବିଲେଇସର୍ଡା ଗାଁରେ ପୋଖରୀକୁ ଗାଧୋଇବାକୁ ଯାଇଥିବା ସମୟରେ ହିଁ ବଜ୍ରାଘାତରେ ଷାଣ୍ଡଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ଅନୁରୋଧ କରାଯାଉଛି। ଏହି ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରିବାର ବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି।

## ଲଗାଣ ବର୍ଷା ଯୋଗୁଁ ଏମଏମସି ରୋଡରେ ବିରାଟ ଗଛ ପଡି ରାସ୍ତା ଅବରୋଧ, ଯାତାୟତ ବାଧାପ୍ରାପ୍ତ



ଜି.ଉଦୟଗିରି,(ପି.ଏନ):ସ୍ଥାନୀୟ ବଜାର ସ୍ଥିତ ଏମଏମସି ରୋଡରେ ଲଗାଣ ବର୍ଷା ଯୋଗୁଁ ଏକ ବିରାଟ ଗଛ ନିକଟରେ ଥିବା ଏକ ଇଲେକ୍ଟ୍ରି ପୋଲ୍ ଉପରେ ପଡିଯିବାରୁ ଇଲେକ୍ଟ୍ରି ପୋଲଟି ଭାଙ୍ଗିଯିବା ସହିତ ଉଭୟ ପୋଲ୍ ଓ ଗଛ ରାସ୍ତା ମଝିରେ ପଡିଯାଇଥିଲା।ଫଳରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇ ରହିଥିବାରୁ ଯାତାୟତରେ ବାଧାପ୍ରାପ୍ତ ହୋଇଥିଲା।ସୂଚନା ପ୍ରକାରେ ଏହି ରାସ୍ତା ଦେଇ ଯାଉଥବା ବିଭିନ୍ନ ଯାନବାହାନ ଗୁଡ଼ିକ ବହୁସମୟ ଅଟକି ରହିଥିବା ଜଣାପଡିଛି।ପରେ ବିଦ୍ୟୁତ ବିଭାଗର କର୍ମଚାରୀ ଓ ଜି.ଉଦୟଗିରି ପୋଲିସ ସହଯୋଗରେ ରାସ୍ତାଉପରୁ ଉଭୟ ଇଲେକ୍ଟ୍ରି ପୋଲ୍ ଓ ଗଛକୁ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

## ଅଗଷ୍ଟ ୪ରେ ଯାଜପୁର ରୋଡ଼-ଧାମରା ରେଳପଥ ମଞ୍ଜୁର ପାଇଁ ଦିଲ୍ଲୀ ସଂସଦ ସମ୍ମୁଖରେ ଗଣଧାରଣା

କୋରେଇ, (ପି.ଏନ): ଗତ ୨୦୧୨-୨୦୧୩ ରେଳ ବଜେଟରେ ଯାଜପୁର ରୋଡ ଠାରୁ ଧାମରାକୁ ରେଳପଥ ସଂଯୁକ୍ତ କରିବା ପାଇଁ ସର୍ଭେ ହୋଇଥିଲା। ଏହି ସର୍ଭେ ଅନୁସାରେ, ୯୫.୯୫ କିଲୋମିଟର ପାଇଁ ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପାଇଁ ଅଟକଳ ହୋଇଥିଲା। ଏହି ରେଳ ପଥ ସ୍ଥାପନ ହେଲେ ୨୭.୪୩ ଭାଗ ଲାଭ ରେଳବାଇକୁ ମିଳିବ। ସାଧାରଣତଃ ୧୨ ଭାଗ ଲାଭ ମିଳିଲେ ରେଳପଥ ପ୍ରତିଷ୍ଠା ପାଇଁ ରେଳବାଇ ନିଷ୍ପତି ନେଇଥାଏ। ଏହା ଛଡା ପୂର୍ବତଟ ରେଳପଥ ଜୋନ୍‌ର ପ୍ରତିବର୍ଷକୁ ୧୮ ହଜାର କୋଟି ଟଙ୍କା ରେଳ ବିଭାଗ ରାଜସ୍ୱ ଯାଇଥାଏ। ଦୁଇଟି ଜିଲ୍ଲାର ଦୁଇଟି ପର୍ଯ୍ୟଟନ କେନ୍ଦ୍ର ବ୍ୟତୀତ ଯାଜପୁର ଜିଲ୍ଲା ସଦର ମହକୁମାକୁ ରେଳ ସଂଯୋଗର ଗୁରୁତ୍ୱ ଥିବା ବେଳେ କେନ୍ଦ୍ର ସରକାର କାହାପାଇଁ କାହା ଦ୍ୱାରା ରେଳପଥ ପାଇଁ ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଏହା ବାସ୍ତବିକ ଦୁଃଖ ଓ ପରିତାପର ବିଷୟ ପାଲଟିଛି। ଏନେଇ ଗତ ବଜେଟରେ ବ୍ୟୟ ବରାଦ କରାଯାଇଥିବାରୁ ଯାଜପୁରରୋଡ଼, ଧାମରା ଭଦ୍ରକ ଠାରେ ଗତ ଫେବ୍ରୁଆରୀ ମାସରେ ରେଳରୋକ କରାଯାଇଥିଲା। ମାତ୍ର ରେଳବାଇ ରେଳପଥ ମଞ୍ଜୁରୀ ବଦଳରେ ନେତୃତ୍ୱ ବିରୁଦ୍ଧରେ ମାମଲା ରୁଜୁ କରି ଆନ୍ଦୋଳନକୁ ଦବାଇ ଦେବା ପାଇଁ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦ ପାଇଁ ଓ ତୁରନ୍ତ ପକ୍କା ମଞ୍ଜୁରୀ ପାଇଁ ଆସନ୍ତା ଅଗଷ୍ଟ ୪ ତାରିଖରେ ଦିଲ୍ଲୀ ସଂସଦ ସମ୍ମୁଖରେ ଯାଜପୁରରୋଡ଼-ଧାମରା ରେଳପଥ ପକ୍ଷରୁ ଧାରଣା ଦିଆଯିବ। ଏଥି ପାଇଁ ସମସ୍ତ ପ୍ରସ୍ତୁତି ହୋଇସାରିଛି।ଏହି ଧାରଣାରେ ପାଣିକୋଇଲି ଅଂଚଳର ଗଣେଷ ସାହୁ, ଯୁବନେତା ରାକେଶ ସାହୁ, ମନ୍ମଥ କୁମାର ରାୟ, ମାଧବଚନ୍ଦ୍ର କୁଣ୍ଡୁଙ୍କ ସମେତ ଯାଜପୁର ଟାଉନ ମଙ୍ଗଳପୁର ଅଂଚଳର ନେତା ଓ ସାଧାରଣ ଜନତା ଦଳ ବଳ ନିର୍ବିଶେଷରେ ଯୋଗଦେବା ସହ ଏହାକୁ ସଫଳ କରାଇବା ପାଇଁ ଡ଼. ନିର୍ମଳ ରଥ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ୪ରେ କିମ୍ସରେ ବୋନ୍ ଆଣ୍ଡ ଜଏଣ୍ଟ ଦିବସ

ଭୁବନେଶ୍ୱର,(ପି.ଏନ): ସମଗ୍ର ଦେଶରେ ଅଗଷ୍ଟ ୧ରୁ ୭ତାରିଖ ପର୍ଯ୍ୟନ୍ତ ବୋନ୍ ଆଣ୍ଡ ଜଏଣ୍ଟ ସପ୍ତାହ ପାଳନ ହେଉଥିବା ବେଳେ କିମ୍ସରେ ୪ତାରିଖରେ ପାଳିତ ହେବ ବୋନ୍ ଆଣ୍ଡ ଜଏଣ୍ଟ ଦିବସ। ପୂର୍ବରୁ ଅସ୍ଥିଶଲ୍ୟ ବିଭାଗ ସାଧାରଣ ଅସ୍ତ୍ରୋପଚାର ବିଭାଗ ଅଧୀନରେ ଆସୁଥିଲା। ମାତ୍ର ଜନସଂଖ୍ୟା ବୃଦ୍ଧି ସହ ଅସ୍ଥି ସହ ଆଣ୍ଠୁଗଣ୍ଠି ରୋଗୀଙ୍କ ସଂଖ୍ୟା ଓ ଭିତ୍ତିଭୂମି ବୃଦ୍ଧି ପାଇବା ଯୋଗୁଁ ୧୯୭୪ରେ ସାଧାରଣ ଅସ୍ତ୍ରୋପଚାରରୁ ଅସ୍ଥିଶଲ୍ୟ ବିଭାଗ ଅଲଗା ହୋଇଯାଇଥିଲା। ସେହିବର୍ଷ ଅଗଷ୍ଟ ୪ ତାରିଖରେ ସମଗ୍ର ଭାରତବର୍ଷରେ ଥିବା ମେଡିକାଲ୍ କଲେଜଗୁଡ଼ିକରେ ଅସ୍ଥିଶଲ୍ୟ ବିଭାଗ ସ୍ୱତନ୍ତ୍ର ଭାବେ ଆରମ୍ଭ କରାଗଲା। ପୁନର୍ବାର ୨୦୦୮ରେ ଭାରତୀୟ ଅର୍ଥୋପେଡିକ୍ ସଂଘ (ଆଇଓଏ) ପକ୍ଷରୁ ପ୍ରତିବର୍ଷ ଅଗଷ୍ଟ ୪ ତାରିଖରେ ବୋନ୍ ଆଣ୍ଡ ଜଏଣ୍ଟ ଦିବସ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ସେହିବର୍ଷଠାରୁ ପ୍ରତିବର୍ଷ ଅଗଷ୍ଟ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବୋନ୍ ଆଣ୍ଡ ଜଏଣ୍ଟ ସପ୍ତାହ ପାଳନ ହେଉଥିବା ସମୟରେ ଅଗଷ୍ଟ ୪ ତାରିଖରେ ବୋନ୍ ଆଣ୍ଡ ଜଏଣ୍ଟ ଦିବସ ପାଳନ ହୋଇଆସୁଛି। ଅର୍ଥୋପେଡିକ୍ ସଂଘର ସାମାଜିକ ଦାୟିତ୍ୱବୋଧର ଏକ ଅଂଶ ବିଶେଷ ଭାବେ ଏହି ସପ୍ତାହର ବିଷୟବସ୍ତୁ ରହିଛି 'ଇଚ୍ ୱାନ୍, ଟ୍ରେନ୍ ୱାନ୍, ସେଭ୍ ୱାନ୍'। ଏହି ସପ୍ତାହ ପାଳନ ଅବସରରେ ରାସ୍ତା ଓ ଅନ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଲୋକଙ୍କୁ ବଞ୍ଚାଇବା ଲାଗି ଆବଶ୍ୟକ ସର୍ବନିମ୍ନ ସହାୟତା ପାଇଁ ସଂଘ ପକ୍ଷରୁ ବିଭିନ୍ନ ଆମ୍ବୁଲାନ୍ସ ଡ୍ରାଇଭର, ସାଧାରଣ ଗାଡ଼ି ଚାଳକ, ଟ୍ରାଫିକ୍ ପୋଲିସ୍, ପାରାମେଡିକାଲ୍ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ଏହି ଜୀବନ ରକ୍ଷାକାରୀ ତାଲିମ୍ ପ୍ରଦାନ କରାଯାଇଥାଏ। ଏହା ସହିତ ସପ୍ତାହବ୍ୟାପୀ ଭାରତର ବିଭିନ୍ନ ସହର ଓ ଜିଲ୍ଲା ମୁଖ୍ୟାଳୟରେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଅଷ୍ଟେଓପରୋସିସ୍, ଅସ୍ଥିଗତ ସ୍ୱାସ୍ଥ୍ୟ ଓ ସଡ଼କ ସୁରକ୍ଷା ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନତା କରାଯାଉଛି। ଅଗଷ୍ଟ ୪ ତାରିଖରେ ସମଗ୍ର ଭାରତବର୍ଷରେ ବ୍ୟାପକ ମାତ୍ରାରେ ସର୍ବାଧିକ ଲୋକଙ୍କୁ ଜୀବନ ରକ୍ଷାକାରୀ ପ୍ରଶିକ୍ଷଣ ଦିଆଯାଇ ଏକ ରେକର୍ଡ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଅର୍ଥୋପେଡ଼ିକ ସଂଘର ଡାକ୍ତର ଓ ବିଶେଷଜ୍ଞମାନେ ଭୁବନେଶ୍ୱର ସମେତ କଟକ, ରାଉରକେଲା, ବ୍ରହ୍ମପୁର ଓ ରାଜ୍ୟର ଅନ୍ୟ ମେଡିକାଲ୍ କଲେଜଗୁଡ଼ିକରେ ସଚେତନତା ସୃଷ୍ଟି କରିବେ ବୋଲି ଓଡ଼ିଶା ଅର୍ଥୋପେଡ଼ିକ ସଂଘର ସମ୍ପାଦକ ଡା. ବସନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray